## ସଂକ୍ଷେପରେ

### ପାଣିକୋଇଲି ଓଭରବ୍ରିଜ୍ ଆଲୋକ ବ୍ୟବସ୍ଥା ମରାମତି

ପାଣିକୋଇଲି,୨୯।୫(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥର ଖରସ୍ରୋତା ନଦୀ ପୋଲ ସାହାପୁରଠାରୁ ବୈତରଣୀ ନଦୀ ପୋଲ ବ୍ରଜନଗର ପର୍ଯ୍ୟନ୍ତ ରାଜପଥରେ ଆଲୋକୀକରଣ କରାଯାଇଥିଲା । ହେଲେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିଲା । ଏ ସଂକ୍ରାନ୍ତରେ ବାରମ୍ବାର ଦାବି ପରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ହେଲେ ଅନେକ ସ୍ଥାନରେ ଆଲୋକ ଜଳୁ ନ ଥିବା ଦେଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ପାଣିକୋଇଲି ଛକରେ ଆଲୋକକରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ବିଭାଗ ପକ୍ଷରୁ ଏହାର ମରାମତି ନ ହେବାରୁ ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏନେଇ ରାଜପଥ ପୋଟୋଲିଂ ସବଇନ୍ସପେକ୍ଟର ଅଶୋକ କୁମାର ବଳ ବିଭାଗକୁ ଅବଗତ କରିଥିଲେ। ସୋମବାର ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଓଭରବ୍ରିଜରେ ଲାଗିଥିବା ଲାଇଟଗୁଡିକୁ ଯାଞ୍ଚ କରାଯାଉଛି। ଦିନେ ଦୁଇ ଦିନ ମଧ୍ୟରେ କାମ ସରିବ ବୋଲି ଜଣେ ଅଧିକାରୀ କହିଛନ୍ତି ।

### ସଡ଼କ ଦୁର୍ଘଟଣାରେ ଟାଟା ଷ୍ଟିଲ କର୍ମଚାରୀଙ୍କ ମୃତ୍ୟୁ

ଯୋଡ଼ା,୨୯।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ବିଲେଇପଦା ଫାଣ୍ଡି ଅଞ୍ଚଳରେ ରବିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଟାଟା ଷ୍ଟିଲ ଲଂ ପ୍ରଡକ୍ଟ ଲିମିଟେଡ଼ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ବଡ଼ବିଲ ଅଞ୍ଚଳର ଗୁରୁପ୍ରୀତ ସିଂ। ସେ ରାତିରେ ବଡ଼ବିଲରୁ ବିଲେଇପଦାକୁ ବାଇକ୍ ଯୋଗେ ଯାଉଥିଲେ। ଫାଣ୍ଡି ଅଞ୍ଚଳରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ଗୋଡ଼ ଉପରେ ଚଢ଼ି ଚାଲିଯାଇଥିଲା। ଫଳରେ ତାଙ୍କର ବାମ ଗୋଡ଼ଟି ଜଙ୍ଘରୁ ଅଲଗା ହୋଇଯାଇଥିଲା। ବିଲେଇପଦାର ବିଷ୍ଣୁ ଖିଲାର୍, ରାଜା ସାହୁ, ନନ୍ଦଲାଲ ସାହୁ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ବିଲେଇପଦା ପୋଲିସକୁ ଖବର ଦେବା ସହ ବାସୁଦେବପୁର୍ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରେ ପୋଲିସ ତଦନ୍ତ କରୁଛି।

### ମଦଭାଟି ନିକଟରୁ ଯୁବକଙ୍କ ମୃତଦେହ ଜବତ

କଣ୍ଟିପାଳ,୨୯।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନସ୍ଥ ଖଡ଼ିପାଳ ଗ୍ରାମରେ ଏକ ମଦଭାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ବେଲଦା ଗ୍ରାମର ନିଲୁ ବେହେରା (୪୨)। ପୋଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ କରଛି। ପୋଲିସ ସୂଚନା ଅନୁଯାୟୀ, ନିଲୁ ବେଲଦା ଗ୍ରାମରେ ଶ୍ୱଶୁର ଘରେ ରହୁଥିଲେ। ଏକ ମଦ ଭାଟିରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ଭାଟିକୁ କାର୍ଯ୍ୟ କରିବାକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ସକାଳୁ ନିଲୁଙ୍କ ମୃତଦେହ ଭାଟି ନିକଟରେ ପଡିଥିବା ଦେଖି ସ୍ଥାନୀୟବାସିନ୍ଦା ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ନିଲୁଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଉପବାସ ରହିଲେ ନୀଳମାଧବ

## ବଙ୍ଗୀୟ ପର୍ଯ୍ୟଟକଙ୍କୁ ଅସଦାଚରଣ ଘଟଣା

**ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୨୯।୫(ସ୍ୱ.ପ୍ର.)**



ଆନ୍ଦୋଳନରତ ପୂଜକଙ୍କ ସହ ଅତିରିକ୍ତ ଏସ୍‌ପି ଆଲୋଚନା କରୁଛନ୍ତି ।

ଜଣେ ବଙ୍ଗୀୟ ମହିଳା ଭକ୍ତଙ୍କୁ ଅସଦାଚରଣ ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନାର କଣ୍ଟିଲୋ ଫାଣ୍ଡି ଅଧିକାରୀ ନୀଳମାଧବ ମନ୍ଦିରର ପୂଜକମାନଙ୍କୁ ଦୁର୍ବ୍ୟବହାର ଘଟଣା ଧିରେ ଧିରେ ବିବାଦୀୟ ହେବାରେ ଲାଗିଛି । କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କ ବଦଳି ଦାବିରେ ପୂଜକ ସମାଜ ସୋମବାରଠାରୁ ନୀଳମାଧବଙ୍କ ପୂଜାନୀତି ବନ୍ଦ କରି ଉପବାସରେ ଧାରଣା ଦେଇଛନ୍ତି । ଫାଣ୍ଡି ଅଧିକାରୀଙ୍କ ବଦଳି ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ପୂଜକ ସଂଘ ଚେତାବନୀ ଦେଇଛନ୍ତି । ଏପରି କି ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ବୁଝାଶୁଝା ପରେ ସୁଫଳ ମିଳିନି । ଅନ୍ୟପକ୍ଷେ ପୂଜକମାନେ ଗତ ୮ ତାରିଖରୁ ଭକ୍ତମାନଙ୍କଠାରୁ ଆଉ ଦାନ ଦକ୍ଷିଣା ନ ନେଇ ପୂଜା କରୁଥିଲେ । ପୂଜକମାନେ ପୂଜାନୀତି ବନ୍ଦ କରିଦେବା ପରେ ଠାକୁର ଉପବାସରେ ରହିଛନ୍ତି । ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ଭୋଗ ମନ୍ଦିରରେ ରଖି ଅସନ୍ତୋଷ ବ୍ୟକ୍ତ କରି ଫେରିଛନ୍ତି । କେତେଜଣ ବଙ୍ଗୀୟ ଭକ୍ତ ବି ଶ୍ରୀଜୀଉଙ୍କ ଦର୍ଶନ ନ ପାଇଁ ନିରାଶ ହୋଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ଜଣେ ବଙ୍ଗୀୟ ମହିଳା ପରିବାର ସହ ନୀଳମାଧବଙ୍କ ଦର୍ଶନରେ ଆସିଥିଲେ । ଦର୍ଶନ ସାରି ଶୌଚାଦି ପାଇଁ ମନ୍ଦିର ଉତ୍ତର ପାର୍ଶ୍ୱ ମହାନଦୀ ନିକଟରେ ଥିବା ଏକ ଗଛ ପାଖକୁ ଯାଇଥିବା ବେଳେ ଜଣେ ଅସାମାଜିକ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ । ଘଟଣା ସମ୍ପର୍କରେ ମହିଳା ଭକ୍ତ ପୋଲିସରେ ଅଭିଯୋଗ କରିଥିଲେ । କଂଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ସଂପୃକ୍ତ ମହିଳାଙ୍କୁ ସାଙ୍ଗରେ ନେଇ ମନ୍ଦିରକୁ ଯାଇ ତଦନ୍ତ କରିଥିଲେ ମଧ କୌଣସି ସୁରାକ ପାଇ ନ ଥିଲେ । ଏହି ଘଟଣାରେ ଫାଣ୍ଡି ଅଧିକାରୀ ପୂଜକମାନଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଥିଲା । ଏପରି କି ଫାଣ୍ଡି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ପୂଜକ ସମାଜ ପକ୍ଷରୁ ଜିଲା ପ୍ରଶାସନ ସହ ରାଜ୍ୟ ଦେବୋତ୍ତର କମିଶନରଙ୍କୁ

### ପୂଜାନୀତି ବନ୍ଦ କରି ପୂଜକ ସଂଘର ଧାରଣା

- ଅତିରିକ୍ତ ଏସ୍‌ପିଙ୍କ ବୁଝାଶୁଝା ପରେ ମିଳିଲାନି ସୁଫଳ
- ଫାଣ୍ଡି ଅଧିକାରୀଙ୍କ ବଦଳି ଦାବି ତେଜିଲା
- ୨୨ ଦିନ ହେଲା ଦାନ ଦକ୍ଷିଣା ନେଉ ନାହାନ୍ତି ପୂଜକ
- ଭୋଗ ରଖି ଦର୍ଶନ କରି ଫେରୁଛନ୍ତି ଭକ୍ତ

ଲିଖିତ ଭାବେ ଜଣାଇଥିଲେ । ଦାବି ପୂରଣ ନ ହେଲେ ମେ ୨୯ରୁ ଠାକୁରଙ୍କ ପୂଜା ନୀତି ବନ୍ଦ କରିବେ ବୋଲି ଚେତାବନୀ ଦେଇଥିଲେ । ପୂଜକ ସଂଘର ଦାବି ପୂରଣ ନ ହେବାରୁ ସୋମବାର ଠାକୁରଙ୍କର ପୂଜାନୀତି ବନ୍ଦ କରି ମନ୍ଦିର ଭୋଗ ମଣ୍ଡପରେ ପୂଜକମାନେ ଧାରଣାରେ ବସିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଖଣ୍ଡପଡା ଥାନା ଆଇଆଇସି ରମେଶ କୁମାର ଦେବତା, ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାର ଲିପ୍ସା ରାୟ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଧାରଣା ସ୍ଥଳ ଭୋଗମଣ୍ଡପକୁ ଆସି ସେବାୟତମାନଙ୍କ ସହ ଆଲୋଚନା ଓ ବୁଝାଶୁଝା କରି ଥିଲେ । ହେଲେ ସୁଫଳ ମିଳି ନାହିଁ । ଏନେଇ ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ର କୁହନ୍ତି, ପୂଜକମାନଙ୍କୁ ଫାଣ୍ଡି ଅଧିକାରୀ ଯେଉଁ ଭଳି ଭାବେ ଦୁର୍ବ୍ୟବହାର କରିଛନ୍ତି ଭୁଲି ହେବନି । କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କ ବଦଳି ନ ହେଲେ ଧାରଣା ପ୍ରତ୍ୟାହୃତ ହେବାର ପ୍ରଶ୍ନ ଉଠୁନି । ଠାକୁର ଉପବାସ ରହିଥିବାବେଳେ ପୂଜକମାନେ ଉପବାସରେ ଅଛନ୍ତି । ବଙ୍ଗୀୟ ମହିଳା ଅସଦାଚରଣ ଘଟଣା ପରଠାରୁ ଭକ୍ତଙ୍କଠାରୁ ପୂଜକ ଦାନ ଦକ୍ଷିଣା ଆମ୍ଭେ ନେଉ ନାହୁଁ । ପ୍ରଶାସନ ପୂଜକମାନଙ୍କ ସମସ୍ୟାକୁ ଗୁରୁତର ସହ ନେଇ ନ୍ୟାୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ବଙ୍ଗୀୟ ମହିଳା ଭକ୍ତଙ୍କ ସୂଚନା ଅନୁସାରେ ହକ୍ ପାଇଁ ଆନ୍ଦୋଳନ କରିବା ଠିକ୍ ଅଛି । ତେବେ ଠାକୁରଙ୍କ ନୀତିକାନ୍ତି ବନ୍ଦ କରି ଧାରଣା ଦେବା ଠିକ୍ ନୁହେଁ । ଭକ୍ତ ଭୋଗ ନ କରି ଅସନ୍ତୋଷରେ ଫେରୁଛନ୍ତି । ମୁଁ ମଧ ସୋମବାରରେ ଦୁଃଖରେ ଫେରୁଛି । ପ୍ରଶାସନ ବଙ୍ଗୀୟ ମହିଳା ଭକ୍ତଙ୍କ ଅସଦାଚରଣ ଘଟଣା ଓ ଠାକୁର ଉପବାସ ରହିବା ଘଟଣାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି । ଖଣ୍ଡପଡା ଆଇଆଇସି ରମେଶ ଦେବତା କୁହନ୍ତି, ଫାଣ୍ଡି ଅଧିକାରୀଙ୍କୁ ବଦଳି ଆମେ କରି ପାରିବୁ ନାହିଁ । ଏନେଇ ପୂଜକ ସମାଜର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ସାକ୍ଷାତ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ପୂଜାନୀତୀ ବନ୍ଦ ଘଟଣାର ଅନୁଧ୍ୟାନ କରାଯାଉଛି । ଠାକୁରଙ୍କ ପୂଜାନୀତି କିପରି ଶୀଘ୍ର ହେବ ସେନେଇ ପଦକ୍ଷେପ ନିଆଯାଉଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ମୋରଡା,୨୯।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡାଠାରେ ଫୁଲଝରି ଗ୍ରାମର ନରହରି ମହାନ୍ତ ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅମୀର ଖାନ ଏବଂ ଭଞ୍ଜକିଶୋର ସାହୁ। ଏନେଇ ମୋରଡ଼ା ଥାନାରେ ମାମଲା(ନଂ.୨୦୧/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଚିତ୍ରଡା ଅଞ୍ଚଳର ଅମୀର ଖାନ ଏକମାସ ପୂର୍ବରୁ ନରହରିଙ୍କ ଶ୍ୱଶୁରଙ୍କୁ ଜଣଙ୍କ ମାଧ୍ୟମରେ ରକ୍ତଦାନ କରିଥିଲେ। ଏନେଇ ସେ ବାରମ୍ବାର ଆଲୋଚନା ପାଇଁ ନରହରିଙ୍କୁ ଫୋନ କରି ଡାକୁଥିଲେ। ରବିବାର ଅମୀର ତାଙ୍କୁ ଚିତ୍ରଡ଼ାସ୍ଥିତ ଏକ ମଦ ଦୋକାନ ପାଖ ପଡ଼ିଆକୁ ଡାକିଥିଲେ। ନରହରି ସେଠାରେ ପହଞ୍ଚିବା ପରେ ଚିତ୍ରଡାର ପପୁ ସାହୁ, ଭୁଟୁ ମହାନ୍ତ, ଶିବା ମହାନ୍ତ ଏବଂ ଅନ୍ୟ ୭ ଜଣ ଯୁବକ ତାଙ୍କୁ ମଦ ପାଇଁ ୭୦୦ ଟଙ୍କା ମାଗିଥିଲେ। ନରହରି ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ନରହରି ଚେତାଶୂନ୍ୟ ହୋଇ ପଡ଼ିଯିବାରୁ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ନରହରିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାରମାଇଲସ୍ଥିତ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀହରି କଟେଜ୍ ସିଲ୍ ଖୋଲିଲା




ପୋଲିସ ଶ୍ରୀହରି କଟେଜ୍‌ର ସିଲ୍ ଖୋଲୁଛି ।

**ପାଣିକୋଇଲି,୨୯।୫(ଡି.ଏନ୍.ଏ.)**

ପାଣିକୋଇଲିସ୍ଥିତ ଶ୍ରୀହରି କଟେଜକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଥିଲା। ଆଜି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ସଟର ସିଲ କଟାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତରେ ପୋଲିସ ଉକ୍ତ ସିଲକୁ କାଟି ମାଲିକଙ୍କୁ ଘର ହସ୍ତାନ୍ତର କରିଛି ।

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥ କଡରେ ଥିବା ଶ୍ରୀହରି କଟେଜ(ଲଜ)କୁ ପ୍ରଶାସନ ପକ୍ଷରୁ ଅନୈତିକ କାର୍ଯ୍ୟକଳାପ ପାଇଁ ଗତ ୨୦୨୨ ଅଗଷ୍ଟ ୩୧ରେ ସିଲ କରିଥିଲା । ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ଓ ଅକ୍ରୋଶମୂଳକ ତଥା ପକ୍ଷପାତିତା ଯୋଗୁ କରାଯାଇଥିବା ଦର୍ଶାଇ ଏହାର ମାଲିକ ସୋତି ଗ୍ରାମର ଚନ୍ଦ୍ରକାନ୍ତ ଖଣ୍ଡାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଆରଏମ୍‌ଏଲପି ୪୨୫/୨୩ରେ ମାମଲା ରୁଜୁ କରାଯାଇଥିଲା । ଖଣ୍ଡାଇ ଗୃହ ବିଭାଗ, ଯାଜପୁର ଆରକ୍ଷୀ ଅଧୀକ୍ଷକ ଓ ପାଣିକୋଇଲି ଥାନାଧିକାରୀଙ୍କୁ ପକ୍ଷଭୁକ୍ତ କରି ମାମଲା ରୁଜୁ କରିଥିଲେ। କେଉଁ ଆଇନ ବଳରେ ସମସ୍ତ ଗୃହ ସିଲ କରାଯାଇଛି ବୋଲି ମାମଲାରେ ଦର୍ଶାଇଥିଲେ । ଏହି ବେଆଇନ ସିଲକୁ ହଟାଇବା ପାଇଁ ହାଇକୋର୍ଟର ଜଷ୍ଟିସ ଏସ. କେ.ପାଣିଗ୍ରାହୀ ଅନ୍ତରୀଣ ଶୁଣାଣୀ କରି ଏହି ସିଲକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ସିଲ କଟାଯାଇ ଖଣ୍ଡାଇଙ୍କୁ ହସ୍ତାନ୍ତର କରାଯାଇଛି ।

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ କର୍ମଚାରୀଙ୍କୁ ଆକ୍ରମଣ

**ନୀଳଗିରି, ୨୯।୫(ସ୍ୱ.ପ୍ର.)**

ଅଘୋଷିତ ବିଦ୍ୟୁତକାଟ୍‌କୁ ନେଇ ନୀଳଗିରି ଟାଟା ପାୱାର ନୀଳଗିରି ସେକ୍ସନ ଜେଇ ପାର୍ଥସାରଥୀ ବାରିକ(୪୦)ଙ୍କୁ ମାଡ଼ ମରାଯାଇଛି। ଏକ ବିବାହ ଭୋଜି ଖାଇ ଘରକୁ ଫେରିବା ବେଳେ ତାଙ୍କୁ ୮ରୁ ୧୦ ଜଣ ଲୋକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ରବିବାର ରାତି ୧୦ଟା ବେଳେ ନୀଳଗିରି ବିଦ୍ୟୁତ ବିଭାଗ ଜେଇ ପାର୍ଥସାରଥୀ ବାରିକ ଏକ ବିବାହ ଭୋଜି ଖାଇ ଫେରିବା ବେଳେ ବରିସାହି ନିକଟ ମନସା ମନ୍ଦିରଠାରେ କିଛି ଲୋକେ ତାଙ୍କୁ ଅଟକାଇଥିଲେ। ବିଜୁଳିକାଟ ନେଇ ଯୁକ୍ତି କରିବା ସହ ଆକ୍ରମଣ କରି ନିର୍ଦ୍ଧୁମ ମାଡ଼ ମାରିଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୧୮୦/୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବରିସାହି ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ସମ୍ପାଦକ,ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

**ପାଣିକୋଇଲି,୨୯।୫(ଡି.ଏନ୍.ଏ.)**

ବିଦ୍ୟାଭରତୀ ଶିକ୍ଷା ବିକାଶ ସମିତି ଓଡିଶା ଉତ୍ତରପୂର୍ବ ସମ୍ଭାଗ ଜିଲା ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିଙ୍ଗେଶ୍ୱର ବିହାରଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି । ମୂଳାପାଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ବୈଠକରେ ସ୍ଥାନୀୟ ବିଦ୍ୟାଳୟର ସମ୍ପାଦକ ଦିଲୀପ କୁମାର ଧଳଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ପ୍ରଦୀପ କୁମାର ଧଳ, ମୁଖ୍ୟବକ୍ତା ଭାବେ ପାର୍ଥ ଘୋଷ, ସମ୍ମାନୀତ ଅତିଥି ସହ ସଙ୍ଗଠନ ମନ୍ତ୍ରୀ ବିଦ୍ୟାଭାରତୀ ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ସଭାପତି ଶିକ୍ଷା ବିକାଶ ସମିତି ତୁଷାର ରଞ୍ଜନ ଦାଶ, ଉତ୍ତରପୂର୍ବ ସମ୍ଭାଗ ସଂଯୋଜକ ଯାଜପୁର ବିଭାଗ ନିରୀକ୍ଷକ ଜିତୁରମ ମହାନ୍ତ, ସମ୍ଭାଗ ବିଭାଗ ଓ ସଙ୍କୁଳର ସମସ୍ତ କାର୍ଯ୍ୟକର୍ତ୍ତା ବୃନ୍ଦ ଉକ୍ତ ସଭା ମଣ୍ଡନ କରିଥିଲେ। ଉଦ୍‌ଯାପନ ବୈଠକରେ ସ୍ଥାନୀୟ ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁ, ସହ ସମ୍ପାଦକ ଅଶୋକ କମ୍ମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ କୁମାର ପାଳ, ପରିଚାଳନା ସମିତିର ସମସ୍ତ ସଦସ୍ୟା,ସଦସ୍ୟ, ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ଜିଲାର ୪୩ଜଣ ସମ୍ପାଦକ, ୪୩ ଜଣ ପ୍ରଧାନ ଆଚାର୍ଯ୍ୟ ଏବଂ ୨୫ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସୁକିନ୍ଦାରେ ମିଳିତ ଅଭିଯୋଗ ଶୁଣାଣି

**ଯାଜପୁର ଅଫିସ,୨୯।୫**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦିବ୍ୟଲୋଚନ ମହାନ୍ତି ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏନ୍.ସି. ବାରିକଙ୍କ ଉପସ୍ଥିତିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ଘଡାଇ, ନର୍ଦ୍ଦମା ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ ନନ୍ଦନ ମହାପାତ୍ର, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର, ଜାରକା ଜଳସେଚନ ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସୁକିନ୍ଦା ବିଡିଓ ନମ୍ରତା ମୋଦି, ଅତିରିକ୍ତ ତହସିଲଦାର ସୁଧା ସଂଗୀତା ସାହୁ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା ସମାଜ ସୁରକ୍ଷା ଅଧିକାରୀ ରବି ନାରାୟଣ ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପଦ୍ମନାଭ ଦାଶ, ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ପଞ୍ଜୀକୃତ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଏବଂ ୬ଟି ସମୂହ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୯ଟି ଅଭିଯୋଗ ଥିବାବେଳେ ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ଜନିତ ୮ଟି ଅଭିଯୋଗ ଆସିଥିଲା। ଶିବିର ପ୍ରକୋଷ୍ଠରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।




ମିଳିତ ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

# ବ୍ୟାସନଗରରେ ମହାନାୟକ ପାଠାଗାର ଉଦ୍‌ଘାଟିତ

**ଯାଜପୁର ରୋଡ୍,୨୯।୫(ଡି.ଏନ୍.ଏ.)**



ବ୍ୟାସନଗରରେ ମହାନାୟକ ପାଠାଗାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ପାଠକ ।

ପାଠାଗାର ଆନ୍ଦୋଳନ ଓ ପଠନ ଅଭ୍ୟାସକୁ ତ୍ୱରାନ୍ୱିତ କରିବା ପାଇଁ ସୋମବାର ମହାନାୟକ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏହି ପାଠାଗାରକୁ ମାୟାଧର ନାୟକଙ୍କ ମହାନାୟକ ସଦନରେ ଥିବା ସଭାଗୃହରେ ଓଡିଆ, ଇଂଲିଶ, ହିନ୍ଦୀ, ବଙ୍ଗଳା ଭାଷାରେ ୫ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରଖାଯାଇଛି । ବର୍ଷୀୟାନ ସାହିତ୍ୟିକ ପଦ୍ମନାଭ ମଲ୍ଲ ପ୍ରଥମେ ବୁଦ୍ଧଦେବଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରି ପାଠାଗାରର ଦ୍ୱାରଖୋଲି ଉଦ୍‌ଘାଟନ କରିଥିଲେ। ସାରା ଓଡ଼ିଶା ଭାଷା–ସାହିତ୍ୟ–କଳା–ସଂସ୍କୃତି ମହାସମ୍ମିଳନୀରେ ଯୋଗଦେବା ପାଇଁ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ ପ୍ରଭୃତି ବିଭିନ୍ନ ଜିଲାରୁ ଆସିଥିବା ସାହିତ୍ୟକାରମାନେ ଏହି ପାଠାଗାରର ପୁସ୍ତକଗୁଡ଼ିକୁ ଦେଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାହିତ୍ୟିକ ମାୟାଧର ନାୟକ ସମସ୍ତଙ୍କୁ ଅଭିବାଦନ ଜଣାଇ ପାଠାଗାର କେବଳ ବ୍ୟାସନଗର ସହରବାସୀଙ୍କ ପାଇଁ ନୁହେଁ, ସାରା ଓଡ଼ିଶା ଏପରିକି ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାରର ଜଣାଶୁଣା ବ୍ୟକ୍ତିମାନେ ପଢ଼ିପାରିବେ ବୋଲି କହିଥିଲେ। ପାଠାଗାର ସକାଳ ୮ଟାରୁ ୯ଟା, ସନ୍ଧ୍ୟା ୭ଟାରୁ ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଠାରେ ପ୍ରତିଦିନ ସକାଳୁ ଓଡିଆ, ଇଂଲିଶ, ବଙ୍ଗଳା, ହିନ୍ଦୀ ପାଖାପାଖି ୩୨ଟି ଖବରକାଗଜ ପଢ଼ିପାରିବେ। ଉଦ୍‌ଘାଟନ ଉତ୍ସବରେ ପ୍ରଫେସର ମନୋରଞ୍ଜନ ମହାନ୍ତି, ଲୋପାମୁଦ୍ରା ମହାନ୍ତି, ବାସନ୍ତୀ ମହାନ୍ତି, ଦଣ୍ଡପାଣି ମହାପାତ୍ର, ପ୍ରଶାନ୍ତ ମିଶ୍ର, ଆକାଶ ଦାସନାୟକ, ଶୁଭ୍ରାଜ୍ୟୋତି ଦାସନାୟକ, କଲ୍ୟାଣୀ ପାଢ଼ୀ, ଇନ୍ଦିରା ଦାସ, କୃଷକ ଲକ୍ଷ୍ମଣ ଦାସ, ପ୍ରଫେସର ସୁକାନ୍ତ ରାଉତ, ପ୍ରସନ୍ନ କୁମାର ମଙ୍ଗରାଜ, ଗୌରାଙ୍ଗ ଚରଣ ରାଉତ, ଆଡଭୋକେଟ୍ ଗୋକୁଳି ପଣ୍ଡା, ବୀଣାପାଣି ମହାନ୍ତି, ପୀୟୁଷ ଖୁଣ୍ଟିଆ, ମଧୁସୂଦନ ମହାପାତ୍ର, ମିରଜା ସାନୁଆର ବେଗ, ସୁଧାକର ପାତ୍ର, ଶୁଭଶ୍ରୀ ମଙ୍ଗରାଜ, ଶିବାୟନୀ ଶିବାୟିକା, ଅଧ୍ୟାପକ ବନବିହାରୀ ଦାସ, ଅଂଶ ଦାସନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଚୋରା ରଡ଼ ଗାଡ଼ି ଜବତ, ଚାଳକ ଗିରଫ

ଛତିଆ,୨୯।୫(ଡି.ଏନ.ଏ.): ଯାଜପୁର ଓ କଟକ ଜିଲାର ସୀମାନ୍ତବର୍ତ୍ତୀ ଗୋବିନ୍ଦପୁର-ଛତିଆ ୧୬ନଂ.ଜାତୀୟ ରାଜପଥ କଡ଼ରେ ଦିନକୁ ଦିନ ଚୋରା ରଡ଼ କାରବାର ବୃଦ୍ଧି ପାଇଛି। ସ୍ୱଷ୍ଟ ଦିବାଲୋକରେ ଏହି କାରବାର ଚାଲିଛି । ରବିବାର ଏକ ଡାଲା ଅଟୋ(ନଂ.ଓଡି୩୪ଡି୧୦୦୩)ରେ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରଡ଼ ଯାଉଥିଲା । କୌଣସି ସୂତ୍ରରୁ ଖବର ପାଇ ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ କାର୍ଯ୍ୟାନୁଷ୍ଠାନ ପାଇଁ ଛତିଆ ବିଟ୍ ହାଉସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥରୁ ଚୋରା ରଡ଼ ସହିତ ଏକ ଡାଲା ଅଟୋକୁ ପୋଲିସ ଧରିବା ସହ ଚାଳକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲିଥିବାରୁ ଚାଳକଙ୍କ ପରିଚୟକୁ ପୋଲିସ ଗୋପନ ରଖିଛି ।

### ନାବାଳିକାଙ୍କ ଭିଡିଓ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୨୯।୫(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ଅଞ୍ଚଳର ଜଣେ ନାବାଳିକାଙ୍କ ଭିଡିଓକୁ ଏହି ଥାନା ରମ୍ଭେଇ ଗ୍ରାମର ସୁଜିତ ରାଉତ(୨୪) ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏନେଇ ନାବାଳିକା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୩/୨୩) ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

### ବିକ୍ରି ପାଇଁ ଯାଉଥିବା ବନ୍ୟଜନ୍ତୁ ମାଂସ ଜବତ

ଜେନାପୁର,୨୯।୫(ଡି.ଏନ୍.ଏ.): ଯାଜପୁର ଜିଲା ଡାଲିଯୋଡ଼ା ରେଞ୍ଜ ଜେନାପୁର ଥାନା ଅଧୀନ ପାଇକରାପୁର ଗ୍ରାମ ନିକଟରୁ ବନବିଭାଗ ଜଙ୍ଗଲୀ ବନ୍ୟଜନ୍ତୁ ମାଂସ ଜବତ କରିଛି । ଜବତ ହୋଇଥିବା ମାଂସର ଆନୁମାନିକ ଓଜନ ୪୦ କେଜିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ରବିବାର ସନ୍ଧ୍ୟାରେ ପାଇକରାପୁର ବନ୍ଧ ଉପରେ ବେପାରୀ ଜଣକ ସାଇକେଲରେ ମାଂସ ଭର୍ତ୍ତି ବସ୍ତା ଓ ବ୍ୟାଗ ଛାଡି ଦେଇ କେଉଁଆଡେ ଫେରାର ହୋଇଯାଇଥିଲେ। ଶିକାରୀମାନେ ଅବାଧରେ ପଶୁ ଶିକାର କରି ମାଂସ ପଡୋଶୀ ଜିଲାକୁ ଚୋରା ଚାଲାଣ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଚଢ଼ାଉରେ ଗଡମଧୁପୁର ଫରେଷ୍ଟ ଗାର୍ଡ ମନୋରମା ମହାନ୍ତ, ସମ୍ବିତ ରାଉତ, ବିଜୟ ପ୍ରଧାନ, ଅମୂଲ୍ୟ ପ୍ରଧାନ,ସେକ ଜାବିର ପ୍ରମୁଖ ପହଞ୍ଚି ମାଂସ ଓ ସାଇକେଲ ଜବତ କରିଥିଲେ! ଜବତ ମାଂସକୁ ବୈରୀ ରେଞ୍ଜକୁ ପଠାଯାଇଛି। ସେଠାରୁ ପରୀକ୍ଷା କେନ୍ଦ୍ରକୁ ପଠାଯାଇଛି ।



# ସମୀକ୍ଷା ବୈଠକରେ ରୁଟ୍ ଚାଟ୍‌କୁ ନେଇ ବିବାଦ

**ପଞ୍ଚାୟତରେ ଗଡ଼ିବ ମୋ ବସ୍**
- ଗର୍ଜିଲେ ମହିଳା ସରପଞ୍ଚ, ପ୍ରସ୍ତାବ ଗ୍ରହଣ କଲେ ନାହିଁ ଅଧିକାରୀ
- ଅଭିଯୋଗ ଥିଲେ ଜିଲାପାଳଙ୍କୁ ଜଣାଇବାକୁ ପରାମର୍ଶ
- ସବୁ ପଞ୍ଚାୟତକୁ ମୋ ବସ୍ ଚଳାଚଳ ଦାବି


ସମୀକ୍ଷା ବୈଠକରେ ଯୋଗଦେଇଥିବା ସରପଞ୍ଚମାନେ ।

ରସୁଲପୁର,୨୯।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ପଞ୍ଚାୟତରେ ଗଡିବ ମୋ ବସ୍ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା ସଡ଼କ ପରିବହନ ବିଭାଗ ଚଣ୍ଡିଖୋଲ ଶାଖା ଓ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭାଗ ପକ୍ଷରୁ ପ୍ରସ୍ତୁତ ରୁଟ୍ ଚାଟ୍ ଉପସ୍ଥାପନ କରାଯାଇଥିଲା । ଉକ୍ତ ରୁଟ୍ ଚାଟ୍‌ରେ ଥିବା ତ୍ରୁଟି ସମ୍ପର୍କରେ ଉପସ୍ଥିତ ସରପଞ୍ଚମାନେ ଟିପ୍ପଣୀ ଦେଇଥିଲେ । ଉପସ୍ଥାପିତ ଚାଟରେ ବହୁ ପଞ୍ଚାୟତକୁ ସାମିଲ କରାଯାଇ ନ ଥିବା ପରିଲକ୍ଷିତ ହୋଇଥିଲା । ଚାଟ୍‌ରେ ସଂଶୋଧନ କରିବା ପାଇଁ ମହିଳା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଝରଣା ପାତ୍ର ପ୍ରମୁଖ ପ୍ରସ୍ତାବ ଦେଇଥିଲେ । ନିର୍ଦ୍ଧାରିତ ରୁଟ୍ ଚାଟ୍‌ରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ଓ ଏ ନେଇ କୌଣସି ନୂତନ ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି ସୂଚନା ଦେଇଥିଲେ । କେବଳ ଚାଟ୍‌ରେ ଉଲ୍ଲେଖ ଥିବା ଦୂରତା(କିଲୋମିଟର) କୌଣସି ପରିବର୍ତ୍ତନ କରିବାକୁ ଚାହୁଁଥିଲେ ପ୍ରସ୍ତାବ ରଖିବାକୁ ବିଭାଗ ପକ୍ଷରୁ ବୈଠକରେ କୁହାଯାଇଥିଲା । ଏହାଛଡା ଆଉ ଅନ୍ୟ କିଛି ବିଷୟରେ ପ୍ରସ୍ତାବ ଥିଲେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ବିଭାଗ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଧିକାରୀମାନଙ୍କ ଏତାଦୃଶା ପ୍ରସ୍ତାବ ସରପଞ୍ଚମାନଙ୍କୁ ନିରାଶ କରିବା ସହ ପଞ୍ଚାୟତରେ ମୋ ବସ୍ ଗଡିବା ଏକ ପ୍ରହସନ ବୋଲି କହି ଜନପ୍ରତିନିଧିମାନେ କକ୍ଷ ତ୍ୟାଗ କରିଥିଲେ ।

ସୂଚନା ଅନୁଯାୟୀ, ବୈଠକରେ ପରିବହନ ବିଭାଗ ପକ୍ଷରୁ ରସୁଲପୁର ବ୍ଲକ ଅଞ୍ଚଳ ପାଇଁ ପ୍ରସ୍ତୁତ ୪ଥାକିଆ ରୁଟ୍ ଚାଟ୍ ଉପସ୍ଥାପନ କରାଯାଇଥିଲା । ଏହି ଅନୁସାରେ ବ୍ଲକ ଅଞ୍ଚଳରେ ଦୈନିକ ୪ଟି ବସ୍ ଚାଲିବ । ପ୍ରତି ରୁଟ୍‌ରେ ଗୋଟିଏ ବସ୍ ନିୟୋଜିତ କରାଯାଇ ୩ ଓ ୪ ରାଉଣ୍ଡ ଲେଖାଏଁ ବସ ଚଳାଚଳ କରିବ ବୋଲି ସୂଚନା ମିଳିଛି । ମାତ୍ର ରୁଟ୍ ଚାଟ୍‌ରେ ବ୍ଲକ ଅଧୀନ ୨୮ ପଞ୍ଚାୟତରୁ ୧୭ ପଞ୍ଚାୟତକୁ ସ୍ଥାନ ଦିଆଯାଇଛି । ଚାଟ୍‌ରେ ଉଲ୍ଲେଖ ଥିବା ପଞ୍ଚାୟତକୁ ମୋ ବସ୍ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଥିଲା । ଏହି ଚାର୍ଟରେ ରସୁଲପୁର ପଞ୍ଚାୟତକୁ ହେଡକ୍ୱାର୍ଟର୍ସ ଭାବେ ଗ୍ରହଣ କରାଯାଇଛି । ବ୍ଲକ ନିକଟରୁ ବସ୍ ଗୁଡିକ ବାହାରି ନିର୍ଦ୍ଧାରିତ ରୁଟ୍‌ରେ ଚଳାଚଳ କରିବ । ଏହି ତାଲିକାରୁ ୧୧ ପଞ୍ଚାୟତକୁ ବାଦ୍ ଦିଆଯାଇଛି । ବିଶେଷକରି ବ୍ଲକଠାରୁ ବହୁ ଦୂରରେ ଥିବା ପଞ୍ଚାୟତ ଯଥା ବନ୍ଧଡିହ, ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର, ଅତଲାପୁର, ସାମନ୍ତରାପୁର, ରାଉତରାପୁର, ଟିକରପଡା, ନଠୁଆବର ଆଦି ପଞ୍ଚାୟତ ବ୍ଲକଠାରୁ ପ୍ରାୟତଃ ୧୦ ରୁ ୧୫ କି.ମି. ଦୂରରେ ଅବସ୍ଥିତ । ଏ ସବୁ ପଞ୍ଚାୟତର ଜନସାଧାରଣ ବ୍ଲକକୁ ଯା-ଆସ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ପଞ୍ଚାୟତକୁ ମୋ ବସ୍ ଚାଲିବାର ଆବଶ୍ୟକତା ରହିଛି । ହେଲେ ଏ ସବୁ ପଞ୍ଚାୟତକୁ ବସ୍ ଚଳାଚଳ କରିବା ନେଇ ରୁଟ୍ ଚାଟ୍‌ରେ ସ୍ଥାନ ମିଳି ନାହିଁ । ଏହାଛଡା ଭୋଟକା ଓ ରାହାମ୍ବା ଭଳି ପଞ୍ଚାୟତକୁ ମଧ୍ୟ ପ୍ରସ୍ତୁତ ତାଲିକାରେ ସ୍ଥାନ ମିଳିନାହିଁ । ଯାହାକୁ ନେଇ ଉପସ୍ଥିତ ସରପଞ୍ଚମାନେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ । ସେମାନଙ୍କ ପ୍ରସ୍ତାବ ଗ୍ରହଣ କରା ନ ଯିବାରୁ ବସ୍ ଚାଲିବା ପରିକଳ୍ପନା ଏକ ପ୍ରହସନ ବୋଲି କହି ଅସନ୍ତୋଷବ୍ୟକ୍ତ କରିଥିଲେ । ବ୍ଲକ ନିକଟସ୍ଥ ପଞ୍ଚାୟତକୁ ମୋ ବସ୍ ଗଡିବ ହେଲେ ବ୍ଲକ୍ କାର୍ଯ୍ୟାଳୟଠାରୁ ଦୂରରେ ଥିବା ପଞ୍ଚାୟତରେ ବସ ପ୍ରବେଶ କରିବ ନାହିଁ ଏଭଳି ରୁଟ୍ ଚାଟ କିଏ ପ୍ରସ୍ତୁତ କରିଛି ବୋଲି ସରପଞ୍ଚମାନେ ଜାଣିବାକୁ ଇଚ୍ଛା ପ୍ରକଟ କରିଥିଲେ । ଉତ୍ତରରେ ଉପସ୍ଥିତ ଅଧିକାରୀମାନେ କହିଲେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏହି ଚାଟ୍ ଆସିଛି । ଏହି ଚାଟ୍‌ରେ ଉଲ୍ଲେଖ ଥିବା ରୁଟ୍‌ର ଦୂରତା ସମ୍ପର୍କରେ ଉଲ୍ଲେଖ ଥିବା ତଥ୍ୟରେ ତାଳମେଳ ହେଉଛି କି ନାହିଁ ରିପୋର୍ଟ ପ୍ରସ୍ତୁତ କରାଯାଇ ଜିଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ । ଏହାଛଡା ସେମାନେ ଅଧିକ କିଛି କରିପାରିବେ ନାହିଁ ବୋଲି ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଥିଲେ । ସେହି ରୁଟ୍ ଚାଟରେ ତୁରନ୍ତ ପରିବର୍ତ୍ତନ ଆଣାଯାଉ । ସରପଞ୍ଚମାନଙ୍କ ଉପସ୍ଥିତିରେ ପୁନଃ ରୁଟ୍ ଚାଟ୍ ପ୍ରସ୍ତୁତ କରିବା ସହ ତାଲିକାରେ ରହିଥିବା ତ୍ରୁଟିକୁ ସଂଶୋଧନ କରାଯାଉ । ନୂତନ ରୁଟ୍ ଚାଟ୍ ପ୍ରସ୍ତୁତ କରାଯାଇ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତକୁ ଏଥିରେ ସାମିଲ କରାଯିବାକୁ ଜନପ୍ରତିନିଧିମାନଙ୍କ ପକ୍ଷରୁ ଦାବି ହୋଇଛି। ଏଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପରିବହନ ବିଭାଗ-ଚଣ୍ଡୀଖୋଲ ପକ୍ଷରୁ ଟ୍ରାଫିକ ଇନ୍ସପେକ୍ଟର ପ୍ରଦୀପ କୁମାର ପଟ୍ଟନାୟକ, ଏଏସ୍ଆଇ ଅଭିମନ୍ୟୁ ମହାରଣା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି, ଚନ୍ଦନ କୁମାର ରାଉତ, ପ୍ରଶାନ୍ତ ଦାସ, ସ୍ୱର୍ଣ୍ଣଲତା ସାହୁ, ଝରଣା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

## ମହିଳା ଫେଡେରେଶନ ସଭାନେତ୍ରୀ ବହିଷ୍କୃତ

ଚଣ୍ଡିଖୋଲ,୨୯।୫(ଡି.ଏନ୍.ଏ.)

ବଡଚଣା ବ୍ଲକ ଜୀବିକା ମିଶନ ଦ୍ୱାରା ସିଆରପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ନିଯୁକ୍ତିରେ ଅନିୟମିତତା ହୋଇଥବା ଓ ଲାଞ୍ଚ ନେବା ସମୟର ଭିଡିଓ ଭାଇରାଲ ହେବା ଘଟଣାରେ ବଡଚଣା ମିଶନ ଶକ୍ତି - ୧ ର ସଭାନେତ୍ରୀ କିଛିନା ମହାପାତ୍ରଙ୍କୁ ସଭାନେତ୍ରୀ ପଦରୁ ବହିଷ୍କୃତ କରାଯାଇଛି। ଏଥିସହିତ ୫ ପଞ୍ଚାୟତର ଚୟନ ପ୍ରକ୍ରିୟାକୁ ବାତିଲ କରାଯାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ମିଶନ ଶକ୍ତି ସଭାନେତ୍ରୀ କିଛିନା ମହାପାତ୍ର ସିଆରପି ନିଯୁକ୍ତିରେ ଜଣେ ବ୍ୟକ୍ତିଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟର ଏକ ଭିଡିଓ ଭାଇରାଲ ହୋଇଥଲା। ଏହାକୁ ଆଡ଼ଭୋକେଟ ଉଦୟ ନାଥ ସାହୁ ଯାଜପୁର ଜିଲ୍ଲାପାଳଙ୍କ ନିକଟକୁ ପଠାଇ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଜିଲା ଅଧିକାରୀମାନେ ଆସି ତଦନ୍ତ କରି ଘଟଣାରେ ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ତଦନ୍ତ ପରଦିନ ସଭାନେତ୍ରୀ ପଦରୁ କିଛିନା ଇସ୍ତଫା ପ୍ରଦାନ କରିଥିଲେ। ସୋମବାର ଏ ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ତୁରନ୍ତ ବହିଷ୍କାର ଆଦେଶ ସହ ନୂତନ ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାକୁ ବଡ଼ଚଣା ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦିବ୍ୟାଙ୍ଗଙ୍କ ପାଇଁ ଆଇନଗତ ଅଧିକାର ଅଭିଯାନ



କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରାଯାଉଛି ।

ଯାଜପୁର ଟାଉନ,୨୯।୫(ଡି.ଏନ.ଏ.)

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଦିବ୍ୟାଙ୍ଗମାନଙ୍କ ପାଇଁ ଆଇନଗତ ଅଧିକାର ଅଭିଯାନ ଏବଂ ସଚେତନତା ତଥା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଓ ପଞ୍ଚାୟତସ୍ତରୀୟ ଏବଂ ଯାଜପୁର, ବ୍ୟାସନଗର ପୌରାଞ୍ଚଳରେ ଦିବ୍ୟାଙ୍ଗମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଦିବ୍ୟାଙ୍ଗମାନଙ୍କ ମନବଳକୁ ସୁଦୃଢ କରି ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇଥିଲା ।

ସୋମବାର ପୂର୍ବାହ୍ନରେ ଜିଲା ଦୌରାଜଜ୍ କୋର୍ଟଠାରେ ଜିଲା ଓ ଦୌରାଜଜ୍ ଦାମୋଦର ରଥ ଯୋଗଦେଇ କୁନିଝିଅ ଦିବ୍ୟାଙ୍ଗ ସାଇସ୍ମିତା ରଥଙ୍କୁ ହୁଇଲ୍ ଚେୟାର, ଶକ୍ତି ଶେଖର ପରିଡ଼ା ଓ ପୂର୍ଣ୍ଣିମା ଦାସଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁନିଲ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହୃଷିକେଶ ସାହୁ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍.ଆର. ଏବଂ ଏଲ୍.ଟି.ଭି.) ଦୁର୍ବାଶା ଦୁର୍ଗା, ଦେୱାନୀ ବିଚାରପତି ପାରସ୍ ପାଢୀ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା ପ୍ରମୁଖ ଯୋଗଦେଇଥିଲେ । ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟକାରୀ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ସଂଯୋଜନା କରିଥିଲେ । ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନର ଆଜି ଶେଷ ଦିବସରେ ସମସ୍ତ ବ୍ଲକ୍‌ରେ ଦିବ୍ୟାଙ୍ଗମାନଙ୍କୁ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ବ୍ଲକ୍ ଓ ପୌରାଞ୍ଚଳମାନଙ୍କ ଦିବ୍ୟାଙ୍ଗ ଉପକରଣମାନ ବଣ୍ଟନ କରାଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟର କର୍ମଚାରୀ ଏଥିରେ ସହଯୋଗ କରିଥିଲେ

### ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର, ୨୯।୫(ଡି.ଏନ.ଏ.): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆଁପାଳ ଗାଁର ରାଧାଶ୍ୟାମ ମଣ୍ଡଳଙ୍କ ପୁଅ ତପନ ମଣ୍ଡଳ ୩ ମାସ ତଳେ ଭଦ୍ରକ ଜିଲାରୁ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଆସିଥିଲେ। ଭଦ୍ରକରୁ ଅପହରଣ କରି ତପନ ନାବାଳିକାଙ୍କୁ ନେଇ କୋଲକତା ଚାଲି ଯାଇଥିଲେ। ସେଠାରୁ ୨ଦିନ ତଳେ ଗାଁକୁ ଆସିଥିଲେ। ଖବରପାଇ ଭଦ୍ରକ ଜିଲା ପୋଲିସ ସୋମବାର ତାଳଚୁଆ ଅଞ୍ଚଳରେ ପହଞ୍ଚି ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ନାବାଳିକାଙ୍କୁ ଅପହରଣ କରିଥିବା ତପନଙ୍କୁ ଗିରଫ କରି ଭଦ୍ରକ ପୋଲିସ ନେଇ ଯାଇଛି।

## ମନ୍ଦାକିନୀ ଦେବୀଙ୍କ ସ୍ମୃତିସଭା

ଚଣ୍ଡିଖୋଲ,୨୯।୫(ଡି.ଏନ୍.ଏ.)

ବଡଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ପୁତ୍ରବଧୂ ତଥା ସମାଜ ସେବିକାମନ୍ଦାକିନୀ ତ୍ରିପାଠୀଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଠକ୍କରବାପା ଆଶ୍ରମରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ବାବାଙ୍କ ଭଜନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସାହିତ୍ୟିକ ଡ.ଭାଗ୍ୟଧର ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ଭୂୟାଁ, ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ, ନଟବର ସାମଲ, ଉମାକାନ୍ତ ବଳ, ବରିଷ୍ଠ ଖବରଦାତା ମହେଶ୍ୱର ବଳ, ବେବର୍ତ୍ତା ଅଜୟ ବଲଭ ଦାସ, ପ୍ରଦୀପ୍ତ କୁମାର ପୃଷ୍ଟି, ବେଣୁଧର ପଣ୍ଡା, ପ୍ରବାସ କୁମାର ଦାସ, ଏକାଦଶୀ ସେଠୀ , ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲ, ଗ୍ରନ୍ଥକାର ମିହିର ପ୍ରତାପ ଦାସ, ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, କିଶୋର ଚନ୍ଦ୍ର ବେହୁରା, ଦେବରାଜ ବେହେରା, ପ୍ରକାଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଯାଜପୁର ଜିଲା ସଂସ୍କୃତି ପରିଷଦ ସଭ୍ୟ ଶୁଭେନ୍ଦୁ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ମନ୍ଦାକିନୀ ଦେବୀଙ୍କ ପୁତ୍ର ବିରୁପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ସାଇ ସେବା ସମିତି ପଲେଇ ପକ୍ଷରୁ ବେଦ ପାଠ ଓ ସାଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୂର୍ବତନ ଛାତ୍ରମାନେ ।

ଯାଜପୁରରୋଡ୍,୨୯।୫(ଡି.ଏନ୍.ଏ.)

ହରିପୁର ମହାଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଯାଜପୁରରୋଡ ନାନ୍ଦରାମ ବାଟିକାରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ରବିବାର ଅନୁଷ୍ଠିତ ହୋଇଯାଇଛି । ୧୯୬୪ ବ୍ୟାଚ୍ ଛାତ୍ର ଶତୃଘ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ବିଜୟ କୁମାର ଶତପଥୀ ସ୍ୱାଗତ ଭାଷଣ ଦେବା ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ବ୍ୟାଚ୍ ଛାତ୍ର ଆର୍ତ୍ତବନ୍ଧୁ ପ୍ରଧାନ ବିବରଣୀ ପାଠ କରିଥିଲେ। ହୀରକ ଜୟନ୍ତୀ ପାଳନ ନିମନ୍ତେ ଜାନୁୟାରୀରୁ ପ୍ରୟାସ ତଥା ୯ଥର ବୈଠକ ହୋଇଥିବା ସମ୍ପର୍କରେ ପ୍ରହ୍ଲାଦ ରାଉତ ଆଲୋକପାତ କରିଥିଲେ । ସ୍କୁଲର ପୁରାତନ ଛାତ୍ର ଅତିରିକ୍ତ ଡିସିପି ପ୍ରାଣକୃଷ୍ଣ ରାଉତ ହୀରକ ଜୟନ୍ତୀର ସଫଳ ରୂପାୟନ ନିମନ୍ତେ ପ୍ରସ୍ତୁତ କରିଥିବା ଚିଠା ଉପସ୍ଥାପନ କରିଥିଲେ। ଆଲୋଚନାରେ ଚନ୍ଦ୍ରମଣି ମିଶ୍ର, କୁଳମଣି ପଣ୍ଡା, ପ୍ରଫୁଲ୍ଲ ମିଶ୍ର, ପବିତ୍ର ତ୍ରିପାଠୀ, ଅଲେଖ ମହାରଣା, ରେଖାଲତା ସାହୁ, ଅଜୟ ଖୁଣ୍ଟିଆ, ପ୍ରଫୁଲ୍ଲ ଗୁଦୁଲି, ଭଗବାନ ପରିଡ଼ା,ରାଜେନ୍ଦ୍ର ଶତପଥୀ, କାଙ୍ଗାଳି ସେଠୀ, ମିହିର ସାହୁ, ଅମୂଲ୍ୟ ବାରିକ, ସୁଶାନ୍ତ ଶତପଥୀଙ୍କ ସହିତ ବହୁ ପୁରାତନ ଛାତ୍ରୀଛାତ୍ର ହୀରକ ଜୟନ୍ତୀକୁ ଆଡ଼ମ୍ବରରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସଂଗ୍ରାମ ଜେନା, ପରମାନନ୍ଦ ରାଉତ, ଅମୂଲ୍ୟ ବାରିକ ପ୍ରସାଦ ବଣ୍ଟନ କରାଇଥିଲେ। ଅତୁଲ୍ୟ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ଛତିଆ,୨୯।୫(ଡି.ଏନ.ଏ.)

ବୈରୀ ରେଳ ଷ୍ଟେଶନ ଫାଟକ ନିକଟରୁ ରବିବାର ବିଳମ୍ବିତ ରାତିରେ କୌଣସି ଏକ ଏକ୍ସପ୍ରେସ ଟ୍ରେନରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକେ ଆହତ ଯୁବକଙ୍କୁ ଦେଖି ରେଳ କର୍ମଚାରୀଙ୍କୁ ଖବର ଦେଇଥିଲେ । ପରେ ତାଙ୍କୁ ରେଳ କର୍ମଚାରୀ ଉଦ୍ଧାର କରି କଟକ ବଡ ମେଡିକାଲକୁ ପଠାଇଛନ୍ତି । ଆହତ ଯବକଙ୍କ ପରିଚୟ ମିଳିନାହିଁ।

## ଟପ୍ପର,ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୯।୫(ଡି.ଏନ୍.ଏ.)

ଜାରକାସ୍ଥିତ ଷ୍ଟାଡିୟମଠାରେ ସୋମବାର କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଟପ୍ପର ଓ ଏ-୧ରେ ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଫାଉଣ୍ଡେଶନର ସଭାପତି ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଟପ୍ପର ହୋଇଥିବା ବରୀ ବ୍ଲକ ରାମପୁର ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଶ୍ରେୟାଶ୍ରୀ ଜେନା ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଏ-୧ ରେ ଉତ୍ତୀର୍ଣ୍ଣ ସର୍ବମୋଟ ୨୬ଜଣ, ବରୀ ଓ କୋରେଇ ନିର୍ବାଚନ ମଣ୍ଡଳୀର (ରସୁଲପୁର ବ୍ଲକ) ଏ-୧ ରେ ପାସ୍ କରିଥିବା ୧୧ ଛାତ୍ରୀଛାତ୍ରଙ୍କୁ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ମେଡାଲ, ମାନପତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଫାଉଉଣ୍ଡେଶନର ଶିକ୍ଷା ଉପଦେଷ୍ଟା ଚନ୍ଦ୍ରଶେଖର ସ୍ୱାଇଁ, ଅମୂଲ୍ୟ ଦାସ, ମୁଖପାତ୍ର ଅମିୟ ପରିଡା,ସଭ୍ୟ ସୁଶିଲ ମହାନ୍ତି ଏବଂ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର ।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଚଣ୍ଡିଖୋଲ,୨୯।୫(ଡି.ଏନ୍.ଏ.)

ବଡଚଣା ବ୍ଲକ ଅନ୍ତର୍ଗତ ରଇପୁର ଘାଟଠାରୁ ବରପଦା ଭାୟା ତାଲୁଆ ଣିଆରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଉନ୍ନତୀକରଣ ନିମନ୍ତେ ସୋମବାର ରଇପୁରଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିବା ସହ ଏହି ରାସ୍ତା ଉପରେ ୩ ପଞ୍ଚାୟତ ଯଥା ରଇପୁର,ସାଉଡିଆ,ଓ ବରପଦାର ଜନସାଧାରଣଙ୍କ ଗମନା ଗମନ ପାଇଁ ମୁଖ୍ୟ ରାସ୍ତା। ରାସ୍ତା ର ଉନ୍ନତିକରଣ ହେଲେ ଏହି ୩ ପଞ୍ଚାୟତର ଜନ ସାଧାରଣ ଉପକୃତ ହେବେ। ପଞ୍ଚାନନ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠୀ ଯୋଗ ଦେଇ ୭ କିମି ୩୮୨ମି ଲମ୍ବ ଏଥି ରାସ୍ତା ପାଇଁ ୩ କୋଟି ୬୦ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ୪ କିମି ୫୩୧ ମି କଂକ୍ରିଟ ରୋଡ ଥିବା ବେଳେ ୨ କିମି ୮୫୧ ମି ପିଚୁ ରାସ୍ତା କରାଯିବ। ୮୩୧ ମି ପାର୍ଶ୍ୱ ଡ୍ରେନ ନିର୍ମାଣ ହେବାକୁ ଥିବା ବେଳେ ୧୩୭୧ ମି ରିଟର୍ଣ୍ଣ ୱାଲ ନିର୍ମାଣ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ବିଭୁ ପ୍ରସାଦ ଦାସ, ମିହିର କୁମାର ସ୍ୱାଇଁ, ନିରଞ୍ଜନ ସେନାପତି, ନାରାୟଣ ମଲ୍ଲିକ, ପ୍ରମିଳା ଜେନା, ତୁଷାର ଜେନା, ପ୍ରମୋଦ କୁମାର ସାମଲ, ରଙ୍ଗାଧର ସେନାପତି ପ୍ରମୁଖ ଯୋଗଦେଇ ଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଜ୍ଞାନେନ୍ଦ୍ର କୁମାର ଦାସ।



ଶିଳାନ୍ୟାସ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଚୋରି ଉଦ୍ୟମ ପଣ୍ଡ: ୪ ଅଭିଯୁକ୍ତ ଧରାପଡ଼ିଲେ

ବିରିଡି, ୨୯।୫ (ଡି.ଏନ୍.ଏ.): ବିରିଡି ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ପ୍ରଭାତ କୁମାର ସାହୁଙ୍କ ଘରୁ ଚୋରି କରିବାକୁ ଆସି ୪ ଅଭିଯୁକ୍ତ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ସେମାନଙ୍କୁ ପୋଲିସ ଜିମା ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ଅରୁ ପଲେଇ, ବସନ୍ତ ଭୋଇ, ରାଜେଶ ଭୋଇ ଓ ସଞ୍ଜୟ ବେହେରା। ଏନେଇ ପୋଲିସ ମାମଲା (ନଂ. ୧୪୪/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ପ୍ରଭାତଙ୍କ ପରିବାର ରବିବାର ରାତିରେ ଘରେ ଶୋଇଥିବାବେଳେ ଅଭିଯୁକ୍ତମାନେ ଚୋରି ଉଦ୍ଦେଶ୍ୟରେ ଭିତରକୁ ପଶିଥିଲେ। ଏହି ସମୟରେ ଶବ୍ଦ ହେବାରୁ ପରିବାର ଲୋକେ ଉଠି ଗ୍ରାମବାସୀଙ୍କୁ ଡାକି ଅଭିଯୁକ୍ତମାନଙ୍କୁ କାବୁ କରି କରିଥିଲେ।

### ମା'ନାରାୟଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବିରିଡି, ୨୯।୫ (ଡି.ଏନ୍.ଏ.): ବିରିଡି ବ୍ଲକ ୨୨ ମୌଜା ଅନ୍ତର୍ଗତ ରାୟରଘୁନାଥପୁର ଶାସନର ଜଗଧାତ୍ରୀ ଦେବୀ ମା'ନାରାୟଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ଶୁକ୍ରବାର ଚାଲିଥିବା ଏହି ଉତ୍ସବରେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୀତାଯଜ୍ଞ, ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟହ ଭଜନ ପରିବେଷଣ ସହ ଗୋପାଳ ଭାଇମାନଙ୍କ ଦ୍ୱାରା ଲଉଡି ପରିବେଷଣ କରାଯାଇଥିଲା । ଏଥିରେ ରାୟରଘୁନାଥପୁର ଶାସନ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

### କେରେଡ଼ାଗଡ଼ କଳ୍ପତରୁ ଟ୍ରଷ୍ଟର କୋର୍ କମିଟି ବୈଠକ

ରାଜନଗର, ୨୯।୫ (ଡି.ଏନ୍.ଏ.): ରାଜନଗର ବ୍ଲକ କେରେଡ଼ାଗଡ଼ସ୍ଥିତ କଳ୍ପତରୁ ଟ୍ରଷ୍ଟର କୋର୍ କମିଟି ଓ କେରେଡ଼ାଗଡ଼ ଶାଖା ସଂଘର ଏକ ମିଳିତ ବୈଠକ ଶ୍ରୀରାଧା ମଦନମୋହନ ଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସଂଘର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘର ସମ୍ପାଦକ କପିଳ ଚନ୍ଦ୍ର ଦାସ ଆଶ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମଦ୍ ବାୟାବାବାଙ୍କ କେରେଡ଼ାଗଡ଼ସ୍ଥିତ ଆଶ୍ରମକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାସହ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଧାୟକ ଧ୍ରୁବ ସାହୁଙ୍କୁ ଧନ୍ୟବାଦ ଦେଇଥିଲେ। କୋର କମିଟି ଆବାହକ ପ୍ରଶାନ୍ତ କୁମାର ନାୟକ, ସଂଘର ସମ୍ପାଦକ ମଠର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଅଞ୍ଜନ ଷଡ଼ଙ୍ଗୀ, ପ୍ରହଲ୍ଲାଦ ପୃଷ୍ଟି, ବଂଶୀଧର ମହାନ୍ତି, ରାମନାଥ ପଣ୍ଡା, ବାଣୀଭୂଷଣ ନାୟକ, ଶରତ କୁମାର ସାହୁ, ତ୍ରିଲୋଚନ ନାୟକ, ବେଣୁଧର ନନ୍ଦ, ସହ ସମ୍ପାଦକ ଅନନ୍ତ ରାଉତ, ମନମୋହନ ବେହେରା, ସର୍ବେଶ୍ୱର ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଅକ୍ଷୟ ରାଉତ, ଅକ୍ଷୟ ଦାସ, ବୈଲୋଚନ ଦାସ ଓ ବଂଶୀଧର ବରାଳ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# କାଳବୈଶାଖୀ: ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ, ବଡ଼ ଗଛ



କାଳବୈଶାଖୀ ପ୍ରଭାବରେ ଗଛ ଉପୁଡ଼ିଯାଇଛି।

ଡେରାବିଶ,୨୯।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ପ୍ରଭାବରେ ବ୍ଲକ ଅଧୀନ ଛୋଟି ପଞ୍ଚାୟତର ବହୁ ଗ୍ରାମ, ମଙ୍ଗଳପୁର ପଞ୍ଚାୟତର କେତେଗୋଟି ଗ୍ରାମ ସମେତ ନହଙ୍ଗ ପଞ୍ଚାୟତର ପଲ୍ଲୀରଘୁନାଥପୁର ଗ୍ରାମରେ ଦୀର୍ଘ ୪୫ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ପବନ ସହ ବର୍ଷା ହୋଇଥିଲା। ଅପରାହ୍ନ ୩ଟାରେ ଆକାଶରେ କଳାହାଣ୍ଡିଆ ମେଘର ବାଦଲ ଦେଖିବାକୁ ମିଳିଥିଲା। ପରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ମଧ୍ୟ ହୋଇଥିଲା। ଏହାର ପ୍ରଭାବରେ ଛୋଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ିଯିବା ସହ କେତେଗୋଟି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଉପୁଡ଼ି ଯାଇଛି। ତେବେ ଛୋଟିରେ ଏକ ମନ୍ଦିର ଉପରେ ବଡ଼ଗଛର ଡାଳ ପଡ଼ିବା ସହିତ ମନ୍ଦିରର କ୍ଷତି ପହଞ୍ଚାଇଛି। ସେହିପରି ପଲ୍ଲୀରଘୁନାଥପୁରଠାରେ ଥିବା ହନୁମାନ ମନ୍ଦିର ଉପରେ ଏକ ନଡ଼ିଆ ଗଛ ପଡ଼ି ମନ୍ଦିରର ମୁଖଶାଳାର କ୍ଷତି ପହଞ୍ଚାଇଛି। ତେବେ ଏହାର ପ୍ରଭାବରେ ଛୋଟି, ନହଙ୍ଗ ପଞ୍ଚାୟତର ପଲ୍ଲୀରଘୁନାଥପୁର, ମଙ୍ଗଳପୁର ପଞ୍ଚାୟତର କେତେଗୋଟି ଗ୍ରାମରେ ବହୁ ସଂଖ୍ୟାରେ ଗଛ ଉପୁଡ଼ିବା ସହ କଦଳୀ ଗଛ ଗୁଡ଼ିକ ଭାଙ୍ଗି ଯାଇଛି।

ରାସ୍ତା ଉପରେ ଉପୁଡ଼ି ଯାଇଥିବା ଗଛ ଓ ଗଛର ଡାଳ ପଡ଼ିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଥିବାରୁ ଛୋଟି, ମଙ୍ଗଳପୁର ଓ ନହଙ୍ଗ ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ସାମାଜିକ କର୍ମୀ ଶ୍ରୀୟା ରାୟ କହିଛନ୍ତି। ଗଛ ପଡ଼ି ବନ୍ଦ ହୋଇଯାଇଥିବା ରାସ୍ତାଘାଟକୁ ତୁରନ୍ତ ସଫା କରାଯାଇ ଉପୁଡ଼ି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ପକାଯାଇ ବିଦ୍ୟୁତ୍ ସରବରାହକୁ କାର୍ଯ୍ୟକ୍ଷମ କରିବାକୁ ରାୟ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

# ୨ ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ



କନକପୁର ଜନକଲ୍ୟାଣ ସମିତିରେ ମୁଗମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ତିର୍ତ୍ତୋଲ, ୨୯।୫ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କନକପୁର ଜନକଲ୍ୟାଣ ଓ ତରଜରଙ୍ଗା ସମବାୟ ସମିତିରେ ସୋମବାର ମୁଗମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ୨ ମଣ୍ଡିରେ ଚାଷୀମାନେ ସରକାରୀ ଦର ଅନୁସାରେ କୁଇଣ୍ଟାଲ ପ୍ରତି ୭୭୫୫ ଟଙ୍କାରେ ମୁଗ ବିକ୍ରି କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଛନ୍ତି। କନକପୁର ଜନକଲ୍ୟାଣ ସେବା ସମବାୟ ସମିତି ପରିସରରେ ସରପଞ୍ଚ ରେବତୀ ମହାନ୍ତି ମୁଗମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସମିତି ସଭାପତି ଅଜୟ କୁମାର ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୂଳିସିଂହ ପଞ୍ଚାୟତ ସରପଞ୍ଚ ସଫି ଆଜାମ, ସମ୍ମାନିତ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ତିର୍ତ୍ତୋଲ ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ, କଟରା ପଞ୍ଚାୟତ ସମିତିସଭ୍ୟା ରୋଜାଲିନୀ ଜେନା, କନକପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି, ବୋର୍ଡ ସଭ୍ୟ ରମେଶ ଚନ୍ଦ୍ର ରାଉଳ, ସିଦ୍ଧାର୍ଥ ଶଙ୍କର ରାଉଳ, ଦିଲୀପ କୁମାର ମହାନ୍ତି , ନୃସିଂହ ଚରଣ ଲେଙ୍କା, ବୀର କିଶୋର ବ୍ରହ୍ମ, ଅରୁଣ ମହାପାତ୍ର ଓ ରମାକାନ୍ତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ସେବା ସମବାୟ ସମିତି ସମ୍ପାଦକ ପରମାନନ୍ଦ ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିଭଳି ତରଜରଙ୍ଗା ସେବା ସମବାୟ ସମିତିରେ ମୁଗମଣ୍ଡିକୁ ସିସିବି ତିର୍ତ୍ତୋଲ ଶାଖା ପରିଚାଳକ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ସୁବ୍ରତ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସମିତି ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ। ଉଭୟ ମଣ୍ଡି ଉଦ୍‌ଘାଟନ ସମୟରେ ଅନେକେ ଚାଷୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣି : ୧୧୮ ଅଭିଯୋଗ

- ବ୍ୟକ୍ତିଗତ ୯୮, ଗୋଷ୍ଠୀଗତ ୨୦ ଅଭିଯୋଗ
- ୭ ଅଭିଯୋଗର ତତ୍କାଳୀନ ସମାଧାନ

ଏରସମା,୨୯।୫(ସ୍ୱ.ପ୍ର.)



ଜିଲାପାଳଙ୍କ ଜନଶୁଣାଣିରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଏରସମା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ୧୧୮ ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୮,ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୨୦ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ସମସ୍ୟା ମଧ୍ୟରେ ରାଶନ କାର୍ଡ ଉପରେ ୧୮, ଆବାସ ଯୋଜନା ଉପରେ ୧୮, ଜମିଜମା ଉପରେ ୧୭, ରେଡ୍‌କ୍ରସ ସହାୟତା ୨, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ୨, ଭତ୍ତା ସମସ୍ୟା ଉପରେ ୯, ଅନ୍ୟାନ୍ୟ ୨୫ ଅଭିଯୋଗ ହୋଇଥିଲା। ଏହି ଅବସରରେ ୭ଟି ଅଭିଯୋଗର ତତ୍କାଳୀନ ସମାଧାନ ହୋଇଥିଲା। ଶିବିରରେ ଏସ୍‌ପି ରାହୁଲ ପି.ଆର, ଜିଲାପରିଷଦ ମୁଖ୍ୟ ରୁଦ୍ରନାରାୟଣ ଦାଶ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତିଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରାଜନଗର ବିଜେଡି ଡିଜିଟାଲ ମିଡିଆ କର୍ମଶାଳା

ରାଜନଗର,୨୯।୫ (ଡି.ଏନ୍.ଏ.)

ରାଜନଗର ବ୍ଲକର ଡାଙ୍ଗମାଲଠାରେ ବିଜେଡି ସୋସିଆଲ ମିଡିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ବିଜେଡି ମିଡିଆ ସେଲ୍ ମୁଖ୍ୟ ସ୍ୱୟଂପ୍ରକାଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ବିକାଶର କାର୍ଯ୍ୟଧାରା, ନୂତନ ଓଡ଼ିଶା ନିର୍ମାଣ ଦିଗରେ କାର୍ଯ୍ୟ କରିବାର ଶୈଳୀ, ଚିତ୍ରକୁ ପଞ୍ଚାୟତ ଓ ବୁଥସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା, ନକାରାତ୍ମକ ରାଜନୀତି ବିରୋଧରେ ସକାରାତ୍ମକ ରାଜନୀତିର ପ୍ରାଧାନ୍ୟ ଏବଂ ଗୁରୁତ୍ୱ ସହ ଡିଜିଟାଲ କ୍ୟାମ୍ପେନ ମାଧ୍ୟମରେ ବିରୋଧୀଙ୍କ ଅପପ୍ରଚାର ବିରୋଧରେ ଲଢ଼େଇ ପାଇଁ ସଜାଗ ପ୍ରହରୀ ରୂପେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ସୋସିଆଲ ମିଡିଆ ଟିମ୍ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଯୁବ ଓ ଛାତ୍ରମାନଙ୍କୁ କହିଥିଲେ। ଏହି ଅବସରରେ ବିଜୟ କୁମାର ନାୟକ, ଗୋବର୍ଦ୍ଧନ ପ୍ରଧାନ, ବିଜୟ କୁମାର ଗୁପ୍ତା, ରୋହିତ କୁମାର ରାଉତ, ରବୀନ୍ଦ୍ର କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ୩୦ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୨୯ଟି ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

# ରଘୁଦେଇପୁର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ପ୍ରଶାସନିକ ଅଧିକାରୀମାନେ ହିତାଧିକାରୀଙ୍କ ଅଭିଯୋଗ ଶୁଣୁଛନ୍ତି।

ଡେରାବିଶ,୨୯।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲ୍ଲିକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୫୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟଗୁଡ଼ିକକୁ ବିଭାଗୀୟ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଗୃହ ନିର୍ମାଣ ବିଭାଗର ଦେବେଶ ବେହେରା, ପ୍ରମୋଦ କୁମାର ଦାସ, ତାପସ କୁମାର ଜେନା ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। କାର୍ଯ୍ୟକ୍ରମରେ ବାସଗୃହ ଯୋଜନା ଓ ରାଶନକାର୍ଡରୁ ବଞ୍ଚିତ ହିତାଧିକାରୀ, ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ସେମାନଙ୍କର ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏଥିସହ ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ତହସିଲଦାରଙ୍କୁ ଓ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କ ନିକଟରେ କେତେଜଣ ଲୋକ ଅଭିଯୋଗ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଏହି ଶିବିରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଲେଖା ମଲ୍ଲିକ, ଅନିଲ କୁମାର ସେଠୀ, ନୟନ ନାୟକ ଓ ବିଜୟ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଭତ୍ତା କଟିବାରୁ ଧାରଣାରେ ବସିଲେ ଭିନ୍ନକ୍ଷମ ମହିଳା



ଏରସମା,୨୯।୫(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଭିନ୍ନକ୍ଷମ ପ୍ରମିଳା ରାଉତଙ୍କ ଭତ୍ତା କଟିଯାଇଥିବା ଅଭିଯୋଗ କରି ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେ ପୂର୍ବରୁ ଭିନ୍ନକ୍ଷମ ଭତ୍ତା ପାଉଥିଲେ ମଧ୍ୟ ବାହାଘର ପରେ କଟିଯାଇଛି ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କୁ ପଚାରିବାରୁ କହିଲେ, ପ୍ରମିଳାଙ୍କ ବାପଘର ମହାକାଳପଡା । ସେ ସେଠାରେ ଭିନ୍ନକ୍ଷମ ଭତ୍ତା ପାଉଥିଲେ । ନୂଆ ଗାଁରେ ବିବାହ କରିଥିଲେ। ଏହାପରେ ସେ ଏରସମାରେ ଭତ୍ତା ପାଇବା ପାଇଁ ଏକ ନୂତନ ଆବେଦନ କରିଥିଲେ । ପୂର୍ବରୁ ମହାକାଳପଡାରେ ନାମ ଥିବାରୁ ପୂର୍ବରୁ ମିଳୁଥିବା ଭିନ୍ନକ୍ଷମ ଭତ୍ତା କଟିଯାଇଥିଲା। ଏବେ ମହାକାଳପଡାରୁ ମିଳୁଥିବା ଭତ୍ତାକୁ ଏରସମାକୁ ସ୍ଥାନାନ୍ତର କରାଯାଇ ଭତ୍ତା ପ୍ରଦାନ କରାଯିବ ବୋଲି ସେ କହିଥିଲେ ।

# କୁଶିଆପାଳ ସମବାୟ ସମିତିରେ ମୁଗମଣ୍ଡି ଖୋଲିଲା



ଡେରାବିଶ,୨୯।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର ମୁଗମଣ୍ଡି ଖୋଲିଛି। ବ୍ଲକ ଅଞ୍ଚଳରେ ଏକମାତ୍ର ଏହି ସମବାୟ ସମିତିରେ ମୁଗମଣ୍ଡି ଖୋଲିଥିବାରୁ ବ୍ଲକ ଅଧୀନ ୧୦ଟି ସମବାୟ ସମିତି ଅଧୀନରେ ଥିବା ୨୬ଟି ପଞ୍ଚାୟତର ଚାଷୀମାନେ ସେମାନଙ୍କ ଅଣଧାନ ଫସଲ ଯଥା ମୁଗ, ବିରି, ସୂର୍ଯ୍ୟମୁଖୀ, ମାଣ୍ଡିଆ ଇତ୍ୟାଦି ଏଠାରେ ବିକ୍ରୟ କରିପାରିବେ। ମାର୍କଫେଡ୍‌ର ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମୁଗମଣ୍ଡିର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସହକାରୀ ସମବାୟ ଉପନିବନ୍ଧକ ମନମୋହନ ରାଉତ ଯୋଗଦେଇଥିଲେ। ତେବେ ସରକାରଙ୍କ ପକ୍ଷରୁ ଚଳିତବର୍ଷ ଗୁଣାତ୍ମକ ମାନର ଶସ୍ୟ ବିକ୍ରୟ ନିମନ୍ତେ ଚାଷୀଙ୍କ ପାଇଁ ମୁଗ କୁଇଣ୍ଟାଲ ପିଛା ୭୭୫୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ବିରି କୁଇଣ୍ଟାଲ ପିଛା ୬୬୦୦ ଟଙ୍କା, ସୂର୍ଯ୍ୟମୁଖୀ କୁଇଣ୍ଟାଲ ପିଛା ୬୪୦୦ ଟଙ୍କା ଓ ଚିନାବାଦାମ କୁଇଣ୍ଟାଲ ପିଛା ୫୮୫୦ ଟଙ୍କା ଧାର୍ଯ୍ୟ ରଖାଯାଇଥିବା ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ର, ଉପସଭାନେତ୍ରୀ ସସ୍ମିତା ପାତ୍ର, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ଗୋଲରାହାଟ ସମବାୟ ସମିତି ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି, ଅଗ୍ରଣୀ ଚାଷୀ ଅର୍ଜୁନ ନାୟକ, ରାଧାମାଧବ ନନ୍ଦ, ରାଜକିଶୋର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳରେ ଏକମାତ୍ର ମୁଗମଣ୍ଡି ଖୋଲାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ସେମାନଙ୍କ ଉତ୍ପାଦିତ ଶସ୍ୟ ବିକ୍ରୟ ପାଇଁ ଆଗ୍ରହ ପରିଲକ୍ଷିତ ହୋଇଛି।

# 'ନାଟ୍ୟଶ୍ରୀଙ୍କ ବିନା ଯାତ୍ରା କଥା ଚିନ୍ତା କରାଯାଇପାରେନା'

ଜଗତ୍‌ସିଂହପୁର ଅଫିସ, ୨୯।୫



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୫ତମ ଜୟନ୍ତୀ

- ୧୧ ଜଣ ନବରସ ସମ୍ମାନରେ ସମ୍ମାନିତ

କଳା, ସାହିତ୍ୟ, ସଂସ୍କୃତି ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ତୁଡ଼ିଶାଳ କହିଲେ ଜଗତ୍‌ସିଂହପୁରକୁ ବୁଝାଏ। ଏ ମାଟିରେ ଅନେକ ବରପୁତ୍ରଙ୍କ ଜନ୍ମ ହୋଇଛି। ଯାତ୍ରା ଜଗତ କଥା ଆଲୋଚନା କଲାବେଳେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ କଥା ସ୍ମୃତି ପଟକୁ ଭାସିଆସେ। ଏହି ସୁନାମଧନ୍ୟ ଅଭିନେତା, ନିର୍ଦ୍ଦେଶକ ଓ ସଙ୍ଗଠକ ଓଡ଼ିଶାରେ ଯାତ୍ରାକୁ ଲୋକପ୍ରିୟ ତଥା ନୂଆ ଦିଗନ୍ତ ଦେଖାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ । ନାଟକ ପ୍ରତି ତାଙ୍କ ଅବଦାନ ଅବିସ୍ମରଣୀୟ। ଏଥିପାଇଁ ସ୍ୱର୍ଗତ ରାଉତରାୟଙ୍କୁ ନାଟ୍ୟଶ୍ରୀ ଉପାଧି ଦିଆଯାଇଥିଲା। ଜଗତ୍‌ସିଂହପୁର ବ୍ଲକ ସମଙ୍ଗ (ଜେନାସାହି)ସ୍ଥିତ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ଭବନ ପରିସରରେ ସ୍ୱର୍ଗତ ରାଉତରାୟଙ୍କ ୯୫ତମ ଜୟନ୍ତୀ ତଥା ଉତ୍ସବ ନବରସ-୨୦୨୩ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ସେମାନେ କହିଥିଲେ, ଓଡ଼ିଶାରେ ଯାତ୍ରାକୁ ଯଦି କେହି ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ ସେ ଥିଲେ ସ୍ୱର୍ଗତ ରାଉତରାୟ। ଏକଦା ତାଙ୍କ ବିନା ଯାତ୍ରା କଥା ଚିନ୍ତା କରାଯାଉ ନ ଥିଲା । ଜଗତ୍‌ସିଂହପୁର ବ୍ଲକ ସମଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରି ଓଡ଼ିଶାର କୋଣ ଅଣୁକୋଣରେ ସେ ପରିଚିତ ନାଁ ଥିଲେ । ସେ ଏକାଧାରରେ ଜଣେ ସୁନାମଧନ୍ୟ ଅଭିନେତା, ନିର୍ଦ୍ଦେଶକ ଓ ସଙ୍ଗଠକ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ କ୍ୟାରିୟରର ସର୍ବାଧିକ ସମୟ ସେ ବେଣୀରାମପୁର ଦଳରେ ନାଟ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ମନର ଦେବତା, ପିତୃ ଭକ୍ତ କୁନାଳ, ନରମେଧ ଯଜ୍ଞ ଆଦି ନାଟକଗୁଡ଼ିକରେ ତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏହାବାଦ୍ ତାରପୁର ଅପେରା, ତୁଳସୀ ଗଣନାଟ୍ୟ, ରାଜେଶ୍ୱରୀ ଗଣନାଟ୍ୟ ଆଦି ଯାତ୍ରା ପାର୍ଟିରେ ଶତାଧିକ ବହିରେ ସେ ନିର୍ଦ୍ଦେଶନା ଦେଇଥିଲେ । ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାଣ୍ଡି ଉଦ୍‌ଘାଟକ ଭାବେ ଯୋଗଦେଇ ସ୍ୱର୍ଗତ ରାଉତରାୟଙ୍କ କଳା ପ୍ରତିଭା ଉପରେ ବର୍ଣ୍ଣନା କରିଥିଲେ। ସ୍ମୃତି ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ଜଗତ୍‌ସିଂହପୁର ବିଧାୟକ ଓ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦ ସଭାପତି ତଥା ସଂକେତ ଗ୍ରୁପ୍‌ର ଅଧ୍ୟକ୍ଷ ବଦ୍ରୀ ନାରାୟଣ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ନାଟ୍ୟ ଗବେଷକ ତଥା ପୂର୍ବତନ ଅଧ୍ୟାପକ ଡ. ଅଜୟ କୁମାର ମିଶ୍ର, ଶିକ୍ଷାବିତ୍ ଭଗବାନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନାଟ୍ୟଶ୍ରୀଙ୍କ ଅପୂର୍ବ କଳା ଓ ନିର୍ଦ୍ଦେଶନାର ସ୍ମୃତିଚାରଣ କରିଥିଲେ। ପରିଷଦ ସମ୍ପାଦକ ତଥା ନାଟ୍ୟଶ୍ରୀଙ୍କ ପୁତ୍ର ତପନ କୁମାର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ସରୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତାମାନେ ସ୍ମୃତି ପରିଷଦକୁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପଞ୍ଜୀକୃତ କରିବା ପାଇଁ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଓ ସରକାରୀ ମୁଖ୍ୟ ସଚେତକ ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଓ ଘୋଡ଼ା ନାଚ ଆଦି ପରିବେଷଣ କରାଯାଇଥିଲା । ଟିଭି ପରଦାର ସୁନାମଧନ୍ୟ ଶିଶୁ କଳାକାର ଆୟେଶା ସାମଲ ଓ ତେଜ୍ ତନ୍ମୟଙ୍କ ଅଭିନୟ ଲୋକଙ୍କୁ ବିମୁଗ୍ଧ କରିଥିଲା। ଏହି ଅବସରରେ ଓଡ଼ିଶା ଯାତ୍ରା ଜଗତରେ ଆଜୀବନ ଅବଦାନ ପାଇଁ ଶ୍ରେଷ୍ଠ ନାଟ୍ୟକାର ଭାବେ ଇଂ. କିଶୋର ମହାପାତ୍ର, ଶ୍ରେଷ୍ଠ ନାଟ୍ୟ ଅଭିନେତା ଭାବେ ଦେବୀପ୍ରସାଦ ରଥ ଓ ବାସୁଦେବ ମହାନ୍ତି, ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ଶରତ ଚନ୍ଦ୍ର ବିଶ୍ୱାଳ, ଶ୍ରେଷ୍ଠ ନାଟ୍ୟ ଗବେଷକ ଭାବେ ଡ. ଅଜୟ କୁମାର ମିଶ୍ର, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରଞ୍ଜୁବାଳା ନାୟକ ଓ ମିଠୁନା ପରିଡ଼ା, ଶ୍ରେଷ୍ଠ ଖଳନାୟକ ଭାବେ ପରମାନନ୍ଦ ରାଉତ, ଧ୍ରୁବ ଚରଣ ମହାପାତ୍ର, ପ୍ରଫୁଲ୍ଲ ସ୍ୱାଇଁ ଓ ଅନିରୁଦ୍ଧ ବାରିକଙ୍କ ସମେତ ମୋଟ ୧୧ଜଣ ସୁନାମଧନ୍ୟ କଳାକାରଙ୍କୁ ନବରସ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପତ୍ରରେ ସୀମିତ ପଦକ୍ଷେପ

## ମୂଳ ଖରସ୍ରୋତା ପୁନରୁଦ୍ଧାର ମାମଲା

■ ପ୍ରଦୂଷଣ ବଢୁଛି, ନୟାନ୍ତ ଅଞ୍ଚଳବାସୀ

ଯାଜପୁର ଅଫିସ,୨୯।୫


ଶୁଷ୍କ ପଡ଼ିଥିବା ମୂଳ ଖରସ୍ରୋତା।


ଖଣ୍ଡିତରାଠାରେ ଥିବା ସ୍ଲୁଇସ୍ ଗେଟ୍।

ଦୀର୍ଘ ୩୧ ବର୍ଷ ହେଲା ୧୨ କିଲୋମିଟର ବ୍ୟାପ୍ତ ମୂଳ ଖରସ୍ରୋତା ଶୁଷ୍କ ହୋଇ ପଡ଼ିଛି। ଏହି ନଦୀ ଶଯ୍ୟାର ପୁନରୁଦ୍ଧାର ଓ ସ୍ୱାଭାବିକ ଜଳ ପ୍ରବାହ ବିଷୟରେ ଦୁଇ ଦଶନ୍ଧି ହେଲା ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ସରକାର ଲୋକଙ୍କ କୌଣସି ଅନୁରୋଧକୁ ଶୁଣୁନାହାନ୍ତି। ଫଳରେ ଅଞ୍ଚଳବାସୀ ମୂଳ ଖରସ୍ରୋତାର ଲାଭ ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଜଳ ସମ୍ପଦ ବିଭାଗ ଅନୁସଚିବ ଭାଗୀରଥି ପାଢ଼ୀ ୨୪।୫।୨୦୨୩ରେ ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଏକ ବାସ୍ତବ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଇତିମଧ୍ୟରେ ଏଭଳି ଏକାଧିକ ପତ୍ର ଦିଆଯାଇ ଦାୟିତ୍ୱ ସମ୍ପାଦନ କରାଯାଉଛି ବୋଲି ଅଭିଯୋଗ ହେଉଛି।

ମୂଳ ଖରସ୍ରୋତା ଦିନେ ଯାଜପୁର ଜିଲା ରସୁଲପୁର ବ୍ଲକ ଟିକରପଡ଼ା, ନଠୁଆବର, ବଡକଇଁଚି, ଗନ୍ଧଣ, ରାହାମ୍ଭା, ଭୋଟକା ଓ ରସୁଲପୁର ପଞ୍ଚାୟତବାସୀଙ୍କ ଜୀବନ ରେଖା ଭାବେ ପରିଚିତ ଥିଲା। ପ୍ରାୟ ୩୦ ହଜାର କୃଷକ, କୃଷି ଶ୍ରମିକ, ସାଧାରଣ ବାସିନ୍ଦା ଏହି ନଦୀ ଜଳ ଉପରେ ନିର୍ଭର କରୁଥିଲେ। ୧୯୯୨-୯୩ ଆର୍ଥିକ ବର୍ଷରେ ଶ୍ରୀବନ୍ତପୁରଠାରୁ ୧୨.୫ କିଲୋମିଟର ଲମ୍ବ ବିଶିଷ୍ଟ ବନ୍ଧ ନିର୍ମାଣ ହୋଇଥିଲା। ଏଥିଯୋଗୁ ମୂଳ ଖରସ୍ରୋତା ଶୁଖି ଯାଇଥିଲା। ନିର୍ମାଣ ସମୟରେ ଯଦି ଏକ ସ୍ଲୁଇସ୍ ଫାଟକ ତିଆରି ହୋଇଥାନ୍ତା ତେବେ ମୂଳ ଖରସ୍ରୋତାରେ ଏବେବି ଜଳ ପ୍ରବାହିତ ହେଉଥାନ୍ତା। ଏହାର ପୁନରୁଦ୍ଧାର ପାଇଁ ୨୭।୯।୨୦୨୨ରେ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା କରାଯାଇଥିଲା। ଏହାପରେ ୨୦୨୨ ନଭେମ୍ବର ୨୦ରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରି ଫେରିଥିଲା। ସେହିଦିନଠାରୁ ବିଭାଗୀୟ ନିଷ୍ପତ୍ତି କ'ଣ ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଜଳ ପ୍ରବାହ ବନ୍ଦ ହେବାରୁ ଶୁଖିଲା ନଦୀପଠାରେ ତଣ୍ଡି, ଅମରି ଓ ଅନ୍ୟାନ୍ୟ ବଣୁଆବୁଦା ବଢ଼ି ମଶା, ମାଛି, କୀଟ ଓ ସରୀସୃପ ବଂଶ ବୃଦ୍ଧି ପାଇଛି। ଫଳରେ ଏହାର ତଟବର୍ତ୍ତୀ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ଓ ଗୃହପାଳିତ ପ୍ରାଣୀମାନେ ବିଭିନ୍ନ ମାରାତ୍ମକ ରୋଗରେ ପଡୁଛନ୍ତି। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଖରାଦିନେ କୂଅ, ପୋଖରୀ ଓ ଗଡ଼ିଆ ଶୁଖି ଯାଉଛି। ନଦୀ ଶୁଷ୍କ ହେବାରୁ ଶତାଧିକ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ସମିତି ପକ୍ଷରୁ ଦୀର୍ଘଦିନ ହେଲା ଟିକରପଡ଼ା ବନ୍ଧକୁ ମଜଭୁତ କରି ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇ ଶୁଷ୍କ ନଦୀଶଯ୍ୟାରେ ଜଳପ୍ରବାହ ସହ ଖଣ୍ଡିତର ଗ୍ରାମଠାରେ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଦାବି କରାଯାଉଛି। ଖଣ୍ଡିତରଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ହୋଇଛି। କିନ୍ତୁ ନଦୀର ଉପରମୁଣ୍ଡରେ ଜଳପ୍ରବାହକୁ ବନ୍ଦ କରାଯାଇଥିବାରୁ ଉକ୍ତ ସ୍ଲୁଇସ୍ ଗେଟ୍ କୌଣସି କାର୍ଯ୍ୟରେ ଆସୁନାହିଁ। ୧୩।୮।୨୦୧୯ରେ ଲୋୟର ମହାନଦୀ ବେସିନର ବନ୍ୟା ନିୟନ୍ତ୍ରଣ ତଥା ନଦୀଶଯ୍ୟା ସୁରକ୍ଷା ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଟିକରପଡ଼ାର ସ୍ଲୁଇସ୍ ଗେଟ୍ ନକ୍ସା ପ୍ରସ୍ତୁତ ପାଇଁ ଜଳ ସମ୍ପଦ ବିଭାଗ ଡିଜାଇନ ମୁଖ୍ୟଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହିଦିନଠାରୁ ବିଭାଗୀୟ ତତ୍ପରତା ନୈରାଶ୍ୟଜନକ ରହିଛି। ଏହିକ୍ରମରେ ମୂଳ ଖରସ୍ରୋତାକୁ ପୁନରୁଦ୍ଧାର ସହ ଜଳ ପ୍ରବାହ ସ୍ୱାଭାବିକ କରିବାକୁ ସମିତିର ସଭାପତି ବେଣୁଧର ଦୋବାଇ, ଆବାହକ କୈଳାସଚନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଗଳିଆ ନଦୀରେ ବିପଦପୂର୍ଣ୍ଣ ଡଙ୍ଗାଯାତ୍ରା


ଟୁବି-ଖରିନାସୀ ଗଳିଆ ନଦୀର ଫେରିଘାଟରେ ଡଙ୍ଗାରେ ଲୋକମାନେ ବାଇକ୍ ସହ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି।

## ଖରିନାସୀ-ଟୁବି ଫେରିଘାଟ

■ ଭାଙ୍ଗୁନି ପ୍ରଶାସନର ନିଦ

■ ନୌକା ପରିବହନ ସେବା ୨୦୦୪ ବୋଟ୍ ରୁଲ୍ ଉଲ୍ଲଂଘନ

ମହାକାଳପଡ଼ା,୨୯।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନଦୀ ନାଳ ଘେରା ବଟିଘର ପଞ୍ଚାୟତକୁ ସ୍ଥଳପଥରେ ଯାତାୟାତ ପାଇଁ କୌଣସି ସୁବିଧା ନାହିଁ। ଫଳରେ ସ୍ଥାନୀୟ ଲୋକେ ଦୈନନ୍ଦିନ କାର୍ଯ୍ୟରେ ବ୍ଲକ, ତହସିଲ, ଜିଲା କାର୍ଯ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଛାତ୍ରୀଛାତ୍ର କଲେଜ ଯିବାକୁ ହେଲେ ଡଙ୍ଗା ହିଁ ଏକ ମାତ୍ର ଭରସା। ମହାନଦୀ ଶାଖା ଗଳିଆ ନଦୀ ଖରିନାସୀ-ଟୁବି ଫେରିଘାଟରେ ଲୋକମାନେ ଯିବାକୁ ହେଲେ ଦୈନନ୍ଦିନ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ପାର ହୋଇଥାନ୍ତି। ଯେଉଁ ଫେରିଘାଟ ଡଙ୍ଗାରେ ଯାତ୍ରୀମାନେ ପାର ହେଉଛନ୍ତି ତାହା ସୁରକ୍ଷିତ ଅଛି କି ନାହିଁ ସନ୍ଦେହ ସୃଷ୍ଟି ହେଉଛି। ଡଙ୍ଗାରେ ଯାତ୍ରୀମାନେ ବିନା ଲାଇଫ ଜ୍ୟାକେଟରେ ଯାତାୟାତ କରୁଛନ୍ତି। ଏହି କୁମ୍ଭୀର ଭରା ନଦୀରେ ଯଦି କିଛି ଦୁର୍ଘଟଣା ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ କରାଯାଇଛି।

ସୂଚନାଯୋଗ୍ୟ, ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକରେ ସାମୁଦ୍ରିକ ଜୁଆର ସ୍ରୋତ ଖୁବ୍ କ୍ଷୀପ୍ର ଥିବାରୁ ପୂର୍ବରୁ ଅନେକ ଡଙ୍ଗା ଦୁର୍ଘଟଣା ହେବା ନଜିର ରହିଛି। ଅପରପକ୍ଷରେ ବଟିଘର ପଞ୍ଚାୟତର ମହାନଦୀ ଶାଖା ନିପାଣିଆଠାରେ ୨୦୧୯ ଜାନୁୟାରୀ ୨ରେ କୁଜଙ୍ଗ ଅଞ୍ଚଳର କେତେଜଣ ପର୍ଯ୍ୟଟକ ନିକଟ ହୁକିଟୋଲାରୁ ବଣଭୋଜି ସାରି ସନ୍ଧ୍ୟାରେ ଫେରୁଥିବା ବେଳେ ଡଙ୍ଗା ବୁଡ଼ି ଦୁର୍ଘଟଣାରେ ୧୦ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ତଥାପି ସ୍ଥାନୀୟ ପ୍ରଶାସନର ଚେତା ପଶୁନାହିଁ। ଚାଳକଙ୍କ ଲାଇସେନ୍ସ, ଲାଇଫ ଜ୍ୟାକେଟ, ବୋଟ୍ ପଞ୍ଜୀକରଣ, ନାମଫଳକ ଓ ଡଙ୍ଗା ଫିଟ୍‌ନେସ୍‌ରେ କିଛି ନ ଥିବା ବେଳେ ଫେରିଘାଟରେ ଡଙ୍ଗା ଚାଲିଛି। ଡଙ୍ଗାର କ୍ଷମତା ତୁଳନାରେ ଅତ୍ୟଧିକ ଯାତ୍ରୀ ପରିବହନ ହେଉଥିବା ଦେଖିବାକୁ ମିଳୁଛି। ଏହି ଫେରିଘାଟରେ ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ମିଳୁଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ପ୍ରତି ପ୍ରଶାସନର ନିଘା ନାହିଁ। ତୁରନ୍ତ ଡଙ୍ଗାରେ ଯାତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଏହି ଫେରିଘାଟଟି ପଞ୍ଚାୟତ ଅଧୀନରେ ପରିଚାଳିତ ହେଉଛି। ରାଜ୍ୟ ସରକାରଙ୍କ ନୌଯାତ୍ରୀ ପରିବହନ ୨୦୦୪ ବୋଟ୍ ରୁଲ୍ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସରପଞ୍ଚ ଶିବାନୀ ବିଜୁଳିଙ୍କୁ ପଚାରିବାରେ ଘାଟ ଖୁବ୍‌ଶୀଘ୍ର ନିଲାମ ହେବ। ଘାଟ ହେଉଛି ବଟିଘର ପଞ୍ଚାୟତବାସୀଙ୍କ ଲାଇଫ ଲାଇନ। ତେଣୁ ଘାଟୁଆଙ୍କ ଉପରେ ବିଶ୍ୱାସ ରଖି ଡଙ୍ଗାକୁ ଚଳାଚଳ କରାଯାଉଛି। ରାତିରେ ମଧ୍ୟ ରୋଗୀଙ୍କୁ ଡଙ୍ଗା ମାଧ୍ୟମରେ ପାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାଏ। ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

# ଗୋରୁ ଚାଲାଣ କରି ୨ ଗିରଫ

ରାଜନଗର, ୨୯।୫(ଡି.ଏନ.ଏ.)

ବେଆଇନ ଭାବେ ଗୋରୁ ଚାଲାଣ ବେଳେ କେତେଜଣ ଯୁବକ ଗୋରୁଙ୍କୁ ଉଦ୍ଧାର କରିବା ସହ ୩ ଜଣ ଚାଲାଣକାରୀଙ୍କୁ ଧରି ରାଜନଗର ପୋଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ସୋମବାର ମଧ୍ୟାହ୍ନରେ ଘଡ଼ିଆମାଳ ପଞ୍ଚାୟତର ଜୁଣଗଡ଼ ଗାଁ ନିକଟରେ ଥିବା ବ୍ରାହ୍ମଣୀ ନଦୀରେ କେତେଜଣ ଏକ ଡଙ୍ଗା ସାହାଯ୍ୟରେ ଗୋରୁ ଚାଲାଣ କରୁଥିଲେ। ଗୋଖଣୀ ଗାଁର ସୌମ୍ୟରଞ୍ଜନ ଜେନା ଓ କେତେଜଣ ଯୁବକ ବେଆଇନ ଗୋରୁ ଚାଲାଣ ଦେଖି ସେଠାରେ ପହଞ୍ଚିବା ପରେ ଚାଲାଣ କରୁଥିବା ରାଜକନିକା ଥାନା ଅନ୍ତର୍ଗତ ଲୁହାରମଇ ଗାଁର ଏସ୍.କେ. ନାକିର ବନ୍ଧୁକ ଦେଖାଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ଅଧିକ ଯୁବକ ଏକାଠି ହେବାରୁ ମୁଖ୍ୟ ଅଭିଯୁକ୍ତ ନାକିର ସେଠାରୁ ଖସିଯିବାକୁ ସକ୍ଷମ ହୋଇଥିଲେ। ମାତ୍ର ତାଙ୍କ ସହ ଥିବା ଅନ୍ୟ ୩ ଜଣଙ୍କୁ ଓ ଗୋଟିଏ ଲୁନାକୁ କାବୁ କରି ଯୁବକମାନେ ପୋଲିସ ଜିମା ଦେଇଥିଲେ। ଡଙ୍ଗାରେ ବନ୍ଧା ହୋଇଥିବା ୧୦ ଗୋରୁଙ୍କୁ ଉଦ୍ଧାର କରିଥିଲେ। ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଛି। ଅନ୍ୟ ୨ ଅଭିଯୁକ୍ତ ନାସିରୁଦ୍ଦିନ ଖାନ୍, ଏସ୍.କେ. ବାବୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଲୋକଙ୍କ ଜିମାରେ ରଖାଯାଇଥିବା ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।


ଡଙ୍ଗାରେ ଚାଲାଣ ହେଉଥିବା ଗୋରୁଙ୍କୁ ଉଦ୍ଧାର କରାଯାଉଛି।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ

ପଟ୍ଟାମୁଣ୍ଡାଇ,୨୯।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତା ଅଢ଼ାଯୋଡ଼ି ନିକଟରେ ଏକ ଟ୍ରାକ୍ଟର ସହ ବାଇକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ପବିତ୍ର ମଳିକ (୩୮), ଘର ପଟ୍ଟାମୁଣ୍ଡାଇ ବ୍ଲକ ଆମ୍ବେର ଗାଁରେ। ତାଙ୍କର ୨ ପୁଅ ଓ ଗୋଟିଏ ୭ ବର୍ଷର ଝିଅ ଅଛନ୍ତି। ପବିତ୍ର ହାଟ ବଜାର ଓ ଗାଁକୁ ଗାଁ ବୁଲି ପରିବା ବ୍ୟବସାୟ କରୁଥିଲେ। ସୋମବାର ଅପରାହ୍ଣ ସାଢେ ୪ଟାରେ ସେ ବାଇକ୍ ଯୋଗେ ଗୁଣ୍ଠି ମଦନପୁର ଆଡୁ ଫେରୁଥିବା ବେଳେ ଅଢ଼ାଯୋଡ଼ିଠାରେ ଅପରପାର୍ଶ୍ୱରୁ ଆସୁଥିବା ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଭିନ୍ନକ୍ଷମ ଆଥ୍‌ଲେଟ ସ୍ୱର୍ଣ୍ଣଲତାଙ୍କୁ ସରକାରୀ ସହାୟତା ମିଳୁନି

ରାଜକନିକା,୨୯।୫(ଡି.ଏନ୍.ଏ.)


ଭିନ୍ନକ୍ଷମ ଆଥଲେଟ ସ୍ୱର୍ଣ୍ଣଲତା।

ମୁଣ୍ଡ ଗୁଞ୍ଜିବାକୁ ଛାତ ନାହିଁ। ହେଲେ ଛାତିରେ ଛାତିଏ ବଳ। ମୁଁ ଭିନ୍ନକ୍ଷମ ସତ, ହେଲେ ଯେଉଁମାନେ ମୋ ପରି ଭିନ୍ନକ୍ଷମଙ୍କୁ ଖରାପ ନଜରରେ ଦେଖୁଛନ୍ତି ମୁଁ ସେମାନଙ୍କ ପାଇଁ ଉଦାହରଣ ସାଜିବାକୁ ଚାହୁଁଛି। ସରକାରୀ ସ୍ତରରେ ମୁଁ ଅଣଦେଖା। କିନ୍ତୁ ଯଦି ମୋତେ ଆଉଥରେ ସୁଯୋଗ ମିଳେ ତେବେ ମୁଁ ରାଜ୍ୟ ପାଇଁ ବା ଦେଶ ଲାଗି ନିଶ୍ଚିତ ଗୌରବ ଆଣିବି ବୋଲି ଆଖି ଛଳଛଳ କରି ଧୀର କଣ୍ଠରେ କହିଛନ୍ତି ରାଜ୍ୟ ତଥା ଜାତୀୟସ୍ତରରେ ବେଶ୍ ସୁନାମ ଅର୍ଜନ କରି ୨୦ରୁ ଊର୍ଦ୍ଧ୍ୱ ମେଡାଲ ସହ ପ୍ରମାଣପତ୍ର ପ୍ରାପ୍ତ କରିଥିବା ଭିନ୍ନକ୍ଷମ ଆଥ୍‌ଲେଟ ସ୍ୱର୍ଣ୍ଣଲତା ବେହେରା। ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜାଗୁଲାଇପଡ଼ା ପଞ୍ଚାୟତର ଗଞ୍ଜା ଗ୍ରାମରେ। ସ୍ୱର୍ଣ୍ଣଲତା ୮ ବର୍ଷ ବୟସରୁ ବାପାଙ୍କୁ ହରାଇ ମା'ଙ୍କ ବୋଝ ହୋଇଥିବା ବେଳେ ଶାରୀରିକ ଯନ୍ତ୍ରଣା ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ। ଆଣ୍ଠେଇ ଆଣ୍ଠେଇ ଚାଲୁଥିବା ସ୍ୱର୍ଣ୍ଣଲତା ଯନ୍ତ୍ରଣା ସହ୍ୟ କରି ନ ପାରି ମା' ଲକ୍ଷ୍ମୀପ୍ରିୟାଙ୍କ ସହ ଓଲଟପୁର ନିର୍‌ତାର ହସ୍ପିଟାଲ ଯାଇ ଅସ୍ତ୍ରୋପଚାର କରାଇବା ପରେ ସେଠାରେ ଦେଖିବାକୁ ପାଆନ୍ତି ତାଙ୍କ ପରି ଅନେକ ଭିନ୍ନକ୍ଷମଙ୍କୁ। ବିଭିନ୍ନ ପ୍ରକାର ଖେଳ ସେମାନେ ଖେଳିପାରୁଛନ୍ତି। ସେଠାରୁ ହୁଇଲ ଚେୟାରରେ ବସି ଅନ୍ତର୍ନିହିତ ଶକ୍ତିକୁ ଜାଗରଣ କରି ଖେଳିବାକୁ ବାହାରି ପଡ଼ନ୍ତି। ଆଉ କେବେ ପଛକୁ ଚାହିଁନାହାନ୍ତି। ରାଜ୍ୟ ତଥା ଦେଶ ପାଇଁ ବିଭିନ୍ନ ସ୍ଥାନରେ ସେ ଶଟ୍‌ପୁଟ, ଜାଭେଲିନ୍, ଡିସ୍କସ୍, ମାରାଥନ ଆଦି ଖେଳି ୨୦ରୁ ଊର୍ଦ୍ଧ୍ୱ ମେଡାଲ ଓ ପ୍ରମାଣପତ୍ର ପାଇଛନ୍ତି। କିନ୍ତୁ ଆଜି ସେ ଅଲୋଡ଼ା ଓ ଅଖୋଜା।

ଯେତେବେଳେ ସେ ରାଜ୍ୟ ଓ ଦେଶ ପାଇଁ ମେଡାଲ ଆଣୁଥିଲେ, ସେତେବେଳେ ତାଙ୍କ ପାଇଁ ଗର୍ବ ଅନୁଭବ କରୁଥିବା ଲୋକମାନେ ଆଜି ତାଙ୍କ ସାଙ୍ଗରେ ନାହାନ୍ତି। ମା'ଙ୍କ ସହ ନୁଆଁଣିଆଁ ନଡ଼ା ଛପର ଚାଳଘରେ ରହୁଥିବା ସ୍ୱର୍ଣ୍ଣଲତାଙ୍କ ପାଇଁ ଭରସା କେବଳ ନିଜର ଭିନ୍ନକ୍ଷମ ଭତ୍ତା ସହ ମାସକୁ ମିଳୁଥିବା ୫ କିଗ୍ରା ଚାଉଳ। ସରକାରୀ ସହାୟତା ପାଇଁ ଯେତେବେଳେ ସେ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗୁହାରି କରନ୍ତି, ସେତେବେଳେ ତାଙ୍କୁ ଉତ୍ତର ମିଳେ ନିଜ ନାମକୁ ଯଦି ତୁମ ରାଶନ କାର୍ଡରୁ ଅଲଗା କରିବ ତେବେ ସରକାରୀ ସାହାଯ୍ୟ ମିଳିବ ବୋଲି ସ୍ୱର୍ଣ୍ଣଲତା କହିଛନ୍ତି। ବୃଦ୍ଧା ମା'ଙ୍କୁ ଛାଡି ସେ ଅଲଗା ହୋଇପାରୁନାହାନ୍ତି କି ସରକାରୀ ସାହାଯ୍ୟ ପାଇପାରୁନାହାନ୍ତି। ସ୍ୱର୍ଣ୍ଣଲତାଙ୍କୁ ଆଜି ବି ସୁଯୋଗ ମିଳିଲେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ସେ କହିଛନ୍ତି। ସରକାରଙ୍କ କ୍ରୀଡ଼ା ବିଭାଗ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ସ୍ୱର୍ଣ୍ଣଲତାଙ୍କୁ ରାଜ୍ୟ ତଥା କେନ୍ଦ୍ର ସରକାର ଜଣେ ସଫଳ ଆଥଲେଟ୍ ହିସାବରେ ବିବେଚିତ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ସହ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ମିତାଲି


@ ଧନଞ୍ଜୟ


@ ଗୋବର୍ଦ୍ଧନ


@ ନରେଶ


@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ

ଧର୍ମଶାଳା,୨୯।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସାତମାଣ ଗ୍ରାମର କୈଳାସ ଦେଉରୀ (୨୪)। ଗତ ୨୨ ତାରିଖରେ ସେ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୨/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଥିଲା। ସୋମବାର ଧର୍ମଶାଳା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତ ଯୁବକ କୈଳାସଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦେଇଛି।

# ଉପବାସ ରହିଲେ ନୀଳମାଧବ

## ବଙ୍ଗୀୟ ପର୍ଯ୍ୟଟକଙ୍କୁ ଅସଦାଚରଣ ଘଟଣା

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୨୯।୫(ସ୍ୱ.ପ୍ର.)


ଶ୍ରୀନୀଳମାଧବଙ୍କ ସେବାୟତମାନେ ପୂଜାନୀତି ବନ୍ଦ କରି ଧାରଣାରେ ବସିଥିବାବେଳେ ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଝାଶୁଝା କରାଯାଉଛି।

ଜଣେ ବଙ୍ଗୀୟ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନାର କଣ୍ଟିଲୋ ଫାଣ୍ଡି ଅଧିକାରୀ ନୀଳମାଧବ ମନ୍ଦିରର ପୂଜକମାନଙ୍କୁ ଦୁର୍ବ୍ୟବହାର ଘଟଣା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି। କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କ ବଦଳି ଦାବିରେ ପୂଜକ ସମାଜ ସୋମବାରଠାରୁ ନୀଳମାଧବଙ୍କ ପୂଜାନୀତି ବନ୍ଦ କରି ଉପବାସରେ ଧାରଣା ଦେଇଛନ୍ତି। ଫାଣ୍ଡି ଅଧିକାରୀଙ୍କ ବଦଳି ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ପୂଜକ ସଂଘ ଚେତାବନୀ ଦେଇଛନ୍ତି। ଏପରି କି ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ବୁଝାଶୁଝା ପରେ ସୁଫଳ ମିଳିନି। ଅନ୍ୟପକ୍ଷେ ପୂଜକମାନେ ଗତ ୮ ତାରିଖରୁ ଭକ୍ତମାନଙ୍କଠାରୁ ଆଉ ଦାନ ଦକ୍ଷିଣା ନ ନେଇ ପୂଜା କରୁଥିଲେ। ପୂଜକମାନେ ପୂଜାନୀତି ବନ୍ଦ କରିଦେବା ପରେ ଠାକୁର ଉପବାସରେ ରହିଛନ୍ତି। ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ଭୋଗ ମନ୍ଦିରରେ ରଖି ଅସନ୍ତୋଷ ବ୍ୟକ୍ତ କରି ଫେରିଛନ୍ତି। କେତେଜଣ ବଙ୍ଗୀୟ ଭକ୍ତ ବି ଶ୍ରୀଜୀଉଙ୍କ ଦର୍ଶନ ନ ପାଇଁ ନିରାଶ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ଜଣେ ବଙ୍ଗୀୟ ମହିଳା ପରିବାର ସହ ନୀଳମାଧବଙ୍କ ଦର୍ଶନରେ ଆସିଥିଲେ। ଦର୍ଶନ ସାରି ଶୌଚାଦି ପାଇଁ ମନ୍ଦିର ଉତ୍ତରପାର୍ଶ୍ୱ ମହାନଦୀ ନିକଟରେ ଥିବା ଏକ ଗଛ ପାଖକୁ ଯାଇଥିବା ବେଳେ ଜଣେ ଅସାମାଜିକ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ମହିଳା ଭକ୍ତ ପୋଲିସରେ ଅଭିଯୋଗ କରିଥିଲେ। କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ସମ୍ପୃକ୍ତ ମହିଳାଙ୍କୁ ସାଙ୍ଗରେ ନେଇ ମନ୍ଦିରକୁ ଯାଇ ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ପାଇ ନ ଥିଲେ। ଏହି ଘଟଣାରେ ଫାଣ୍ଡି ଅଧିକାରୀ ପୂଜକମାନଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଥିଲା। ଏପରି କି ଫାଣ୍ଡି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ପୂଜକ ସମାଜ ପକ୍ଷରୁ ଜିଲା ପ୍ରଶାସନ ସହ ରାଜ୍ୟ ଦେବୋତ୍ତର କମିଶନରଙ୍କୁ

### ପୂଜାନୀତି ବନ୍ଦ କରି ପୂଜକ ସଂଘର ଧାରଣା

- ଅତିରିକ୍ତ ଏସ୍‌ପିଙ୍କ ବୁଝାଶୁଝା ପରେ ମିଳିଲାନି ସୁଫଳ
- ଫାଣ୍ଡି ଅଧିକାରୀଙ୍କ ବଦଳି ଦାବି ତେଜିଲା
- ୨୨ ଦିନ ହେଲା ଦାନ ଦକ୍ଷିଣା ନେଉ ନାହାନ୍ତି ପୂଜକ
- ଭୋଗ ରଖି ଦର୍ଶନ କରି ଫେରୁଛନ୍ତି ଭକ୍ତ

ଲିଖିତ ଭାବେ ଜଣାଇଥିଲେ। ଦାବି ପୂରଣ ନ ହେଲେ ମେ ୨୯ରୁ ଠାକୁରଙ୍କ ପୂଜା ନୀତି ବନ୍ଦ କରିବେ ବୋଲି ଚେତାବନୀ ଦେଇଥିଲେ। ପୂଜକ ସଂଘର ଦାବି ପୂରଣ ନ ହେବାରୁ ସୋମବାର ଠାକୁରଙ୍କର ପୂଜାନୀତି ବନ୍ଦ କରି ମନ୍ଦିର ଭୋଗ ମଣ୍ଡପରେ ପୂଜକମାନେ ଧାରଣାରେ ବସିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଖଣ୍ଡପଡା ଥାନା ଆଇଆଇସି ରମେଶ କୁମାର ଦେବତା, ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାର ଲିପ୍ସା ରାୟ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଧାରଣା ସ୍ଥଳ ଭୋଗମଣ୍ଡପକୁ ଆସି ସେବାୟତମାନଙ୍କ ସହ ଆଲୋଚନା ଓ ବୁଝାଶୁଝା କରିଥିଲେ। ହେଲେ ସୁଫଳ ମିଳିନାହିଁ। ଏ ନେଇ ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ର କୁହନ୍ତି, ପୂଜକମାନଙ୍କୁ ଫାଣ୍ଡି ଅଧିକାରୀ ଯେଉଁଭଳି ଭାବେ ଦୁର୍ବ୍ୟବହାର କରିଛନ୍ତି ଭୁଲି ହେବନି। କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କ ବଦଳି ନ ହେଲେ ଧାରଣା ପ୍ରତ୍ୟାହୃତ ହେବାର ପ୍ରଶ୍ନ ଉଠୁନି। ଠାକୁର ଉପବାସ ରହିଥିବାବେଳେ ପୂଜକମାନେ ଉପବାସରେ ଅଛନ୍ତି। ବଙ୍ଗୀୟ ମହିଳା ଅସଦାଚରଣ ଘଟଣା ପରଠାରୁ ଭକ୍ତଙ୍କଠାରୁ ପୂଜକ ଦାନ ଦକ୍ଷିଣା ଆମ୍ଭେ ନେଉ ନାହୁଁ। ପ୍ରଶାସନ ପୂଜକମାନଙ୍କ ସମସ୍ୟାକୁ ଗୁରୁତର ସହ ନେଇ ନ୍ୟାୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ବଙ୍ଗୀୟ ମହିଳା ଭକ୍ତଙ୍କ ସୂଚନା ଅନୁସାରେ ହକ୍ ପାଇଁ ଆନ୍ଦୋଳନ କରିବା ଠିକ୍ ଅଛି। ତେବେ ଠାକୁରଙ୍କ ନୀତିକାନ୍ତି ବନ୍ଦ କରି ଧାରଣା ଦେବା ଠିକ୍ ନୁହେଁ। ଭକ୍ତ ଭୋଗ ନ କରି ଅସନ୍ତୋଷରେ ଫେରୁଛନ୍ତି। ମୁଁ ମଧ୍ୟ ସୋମବାରରେ ଦୁଃଖରେ ଫେରୁଛି। ପ୍ରଶାସନ ବଙ୍ଗୀୟ ମହିଳା ଭକ୍ତଙ୍କ ଅସଦାଚରଣ ଘଟଣା ଓ ଠାକୁର ଉପବାସ ରହିବା ଘଟଣାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି। ଖଣ୍ଡପଡା ଆଇଆଇସି ଦେବତା କୁହନ୍ତି, ଫାଣ୍ଡି ଅଧିକାରୀଙ୍କୁ ବଦଳି ଆମେ କରିପାରିବୁ ନାହିଁ। ଏ ନେଇ ପୂଜକ ସମାଜର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ସାକ୍ଷାତ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ପୂଜାନୀତି ବନ୍ଦ ଘଟଣାର ଅନୁଧ୍ୟାନ କରାଯାଉଛି। ଠାକୁରଙ୍କ ପୂଜାନୀତି କିପରି ଶୀଘ୍ର ହେବ ସେ ନେଇ ପଦକ୍ଷେପ ନିଆଯାଉଛି।

# ମିଶନ ଶକ୍ତି କାଫେ ପାଇଁ ସ୍ଥାନ ପରିଦର୍ଶନ


ବ୍ଲକ ଅଧିକାରୀମାନେ କାଫେ ପାଇଁ ସ୍ଥାନ ପରିଦର୍ଶନ କରୁଛନ୍ତି।

ନୂଆଗାଁ, ୨୯।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ କାଫେ ଖୋଲିବା ପାଇଁ ସୋମବାର ଅଧିକାରୀମାନେ ସ୍ଥାନ ପରିଦର୍ଶନ କରିଛନ୍ତି। ରାଜ୍ୟର ମହିଳାମାନଙ୍କୁ ଆତ୍ମ ନିର୍ଭଳଶୀଳ , ରୋଜଗାରକ୍ଷମ କରିବାକୁ ସରକାର ଚେଷ୍ଟା ଜାରି ରଖିବା ସହ ଅନେକ ଯୋଜନା କରୁଛନ୍ତି। ସେହି ପରିପ୍ରେକ୍ଷୀରେ ବ୍ଲକ କର୍ମଚାରୀ, ବ୍ଲକ କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଆସୁଥିବା ଲୋକଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇ ଦେବାକୁ ଏକ କାଫେ ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ମିଶନ ଶକ୍ତି କର୍ମଚାରୀଙ୍କୁ କହିବା ସହ ସ୍ଥାନ ପରିଦର୍ଶନ କରିଛନ୍ତି। ତେବେ ପ୍ରଥମେ ବ୍ଲକ ପରିସରରେ ଥିବା ଗୋଟିଏ ଘରେ ଆରମ୍ଭ କରିବାର ଯୋଜନା କରାଯାଇଛି। ପରବର୍ତ୍ତୀ ସମୟରେ ବ୍ଲକ ପରିସରରେ ଏକ ସ୍ୱତନ୍ତ୍ର ସ୍ଥାନରେ ଗୃହ ନିର୍ମାଣ କରି ଏହି କାଫେକୁ ଚଳାଇବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସ୍ଥାନ ପରିଦର୍ଶନରେ ନୂଆଗାଁ ବିଡିଓ ମିଶ୍ର, କନିଷ୍ଠ ଯନ୍ତ୍ରୀ ନେତ୍ରାରଞ୍ଜନ ମିଶ୍ର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜୀବକା ମିଶନ ସଂଯୋଜିକା ସସ୍ମିତା ପରିଡା, ବ୍ଲକ ମିଶନ ଶକ୍ତି ସଂଯୋଜକ ଦିଲୀପ କୁମାର ନାୟକ ସାମିଲ ହୋଇଥିଲେ।

# ଭିନ୍ନକ୍ଷମ ବ୍ୟକ୍ତି ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ

ନୂଆଗାଁ, ୨୯।୫ (ଡି.ଏନ.ଏ.)

ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ଗ୍ରାମର ହାତରେ ଭରା ଦେଇ ଚାଲୁଥିବା ଭିନ୍ନକ୍ଷମ ବ୍ୟକ୍ତି ଦାଶରଥି ନାୟକ ୬ ମାସ ହେଲା ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏପରିକି ସେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି।

ସିଙ୍ଗାରପଲ୍ଲୀ ଗ୍ରାମର ଦାଶରଥି ଜଣେ ଭିନ୍ନକ୍ଷମ ବ୍ୟକ୍ତି। ସେ ଠିଆ ହୋଇ ପାରୁ ନ ଥିବା ବେଳେ ହାତ ଓ ଗୋଡ଼ର ସାହାରାରେ ଯିବା ଆସିବା କରନ୍ତି। ତାଙ୍କୁ ପ୍ରାୟ ୭୫ ବର୍ଷ ହେଲାଣି। ଭିନ୍ନକ୍ଷମ ଯୋଗୁ ସେ ବିବାହ ନ କରି ପୁତୁରା ନିକଟରେ ରହୁଛନ୍ତି। ସେ ପୁତୁରା ବୋହୂ ବୈଜୟନ୍ତୀଙ୍କ ନାମରେ ଥିବା ରାଶନ କାର୍ଡରେ ନିଜର ନାମକୁ ସାମିଲ କରି ଚାଉଳ ନେଉଥିଲେ। କିନ୍ତୁ ୬ ମାସ ହେବ ତାଙ୍କୁ ଚାଉଳ ମିଳୁନାହିଁ। ଏ ନେଇ ସେ ଗାଡ଼ି ଭଡ଼ା କରି ଅନେକ ଥର ବ୍ଲକକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କେହି ତାଙ୍କ ଗୁହାରୀ ଶୁଣୁ ନ ଥିବା କହିଛନ୍ତି। ପୁନର୍ବାର ଚାଉଳ ପାଇବାକୁ ହେଲେ ଆଧାର କାର୍ଡ ମାଗିବାରୁ ସେ ଦେଇଥିଲେ ମଧ୍ୟ ମିଳିଲା ନାହିଁ। ଏ ନେଇ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଭେଟି ଅଭିଯୋଗ କରିବାରେ ବିଡିଓ ଯୋଗାଣ ନିରୀକ୍ଷକଙ୍କୁ ପଚାରି ବୁଝିଥିଲେ। ପୂର୍ବରୁ ଆଧାର କାର୍ଡ ଦେଇ ନ ଥିବାରୁ କାର୍ଡରୁ ନାମ କଟିଯାଇଛି। ବର୍ତ୍ତମାନ ନାମକୁ ସଂଯୋଗ କରି ଦିଆଯିବ। ଆସନ୍ତା ମାସଠାରୁ ସେ ଚାଉଳ ପାଇବେ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ବି. ଶ୍ରୀହର୍ଷ କହିଛନ୍ତି।


ରାଶନ ଚାଉଳ ପାଇବାରୁ ବଞ୍ଚିତ ଭିନ୍ନକ୍ଷମ ଦାଶରଥି।

# ଦହି ପଖାଳ କଂସାର ଚାହିଦା ବଢ଼ୁଛି

## ଅନ୍‌ଲାଇନ ପେମେଣ୍ଟ କରି ପର୍ଯ୍ୟଟକ ଆସୁଛନ୍ତି

ଖଣ୍ଡପଡ଼ା,୨୯।୫(ସ୍ୱ.ପ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଂଟିଲୋ-ଗଣିଆ ମୁଖ୍ୟ ରାଜ୍ୟ ରାଜପଥ ବାଣପୁର ନିକଟ ମହାନଦୀ କୂଳ, ଏକ ପାହାଡ଼ ପାଦ ଦେଶରେ ଅବସ୍ଥିତ ମହାନଦୀ ହୋଟେଲ, ଏବେ କଂସା ବେଲାରେ ଦହି ପଖାଳ ଭୋଜନର ଚାହିଦା ବଢ଼ିଛି। ବିଭିନ୍ନ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ନୀଳମାଧବ ପୀଠ, ଗୋକୁଳାନନ୍ଦ ପୀଠ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ପୂର୍ବରୁ ଅନ୍‌ଲାଇନ ଯୋଗେ ନିର୍ଦ୍ଦିଷ୍ଟ ଦିନ ପାଇଁ ଅର୍ଥ ପୈଠ କରି କିମ୍ବା ହୋଟେଲ ମାଲିକଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ଏଠାକୁ ଖାଇବାକୁ ଆସୁଛନ୍ତି।

ସୂଚନାଯୋଗ୍ୟ, ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଓ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠକୁ ବର୍ଷର ପ୍ରାୟ ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହାଛଡ଼ା କଣ୍ଟିଲୋର କଂସା ପିତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହରେ ପ୍ରସିଦ୍ଧି ଲାଭ କରିଛି। କଂସା ପିତଳ ବାସନ ସାମଗ୍ରୀ କ୍ରୟ ଉଦ୍ଦେଶ୍ୟରେ ମଧ୍ୟ ବହୁ ବ୍ୟବସାୟୀ ଓ ଗ୍ରାହକଙ୍କ ଏଠାକୁ ଆସିଥାନ୍ତି। ସମ୍ପ୍ରତି



ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଗକୁ ମଧ୍ୟ ବଢ଼ିବାର ଆଶଙ୍କା ରହିଛି। ଡ଼ହ ଡ଼ହ ଖରାରେ ଦେହକୁ ସୁସ୍ଥ ରଖିବାକୁ ପଖାଳ କଂସାର ଆବଶ୍ୟକତା ପଡ଼ୁଛି। ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ଆବଶ୍ୟକତାକୁ ଚାହିଁ ଏବେ ପ୍ରାୟ ସବୁ ହୋଟେଲଗୁଡ଼ିକରେ ପଖାଳ ଭାତର ବ୍ୟବସ୍ଥା କରାଯାଉଛି। ବିଭିନ୍ନ ହୋଟେଲରେ ମିଲ ପିଛା ୮୦ରୁ ଶହେ ଟଙ୍କା ପଡୁଛି। ମାତ୍ର ବାହାରୁ ଆସୁଥିବା ଯାତ୍ରୀ ଅବା ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟକ୍ତି ବିଶେଷ ରାଜ୍ୟ ରାଜପଥ ମହାନଦୀ ପାର୍ଶ୍ୱ ଏକ ପାହାଡ କଡରେ ସୁସ୍ଥ ପରିବେଶ ମଧ୍ୟରେ ଥିବା ମହାନଦୀ ହୋଟେଲକୁ ପ୍ରଥମ ପସନ୍ଦ କରୁଛନ୍ତି। ଏଠାରେ ଉଦ୍ୟନାଥ ପ୍ରଧାନ ଦୀର୍ଘ ୧୫ ବର୍ଷ ହେଲା ଏହି ଢାବା ବା ହୋଟେଲକୁ ଚଳାଇ ଆସୁଛନ୍ତି। ଅନେକ ଏହାକୁ ଉଦି ଢାବା ବୋଲି କହିଥାନ୍ତି। ନିଜର ଧର୍ମପତ୍ନୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଏବଂ ପରିବାର ସହ ପରିଚାଳିତ ଏହି ହୋଟେଲଟି ସ୍ଥାନୀୟ ଅଞ୍ଚଳ ତଥା ଜିଲା ଓ ଜିଲା ବାହାର ଲୋକମାନଙ୍କର ପ୍ରିୟ ପାଲଟିଛି। ଏଠାରେ ଗୋଟିଏ ମିଲ ପିଛା ୧୨୦ ଟଙ୍କା ପଡୁଥିଲେ ମଧ୍ୟ ଗ୍ରାହକମାନଙ୍କ ପ୍ରଥମ ପସନ୍ଦ ଏହି ହୋଟେଲ। ଏଠାରେ ବର୍ଷର ସବୁ ସମୟରେ କେବଳ ନିରାମିଶ ଆହାର ଉପଲବ୍ଧ ହୋଇଥାଏ। ମହାନଦୀ କୂଳ ରାସ୍ତା କଡ଼ରେ ଥିବା ଏହି ଢାବାର ପରିବେଶ ବିଶେଷ କରି ମାଲିକ ଏବଂ କର୍ମଚାରୀମାନଙ୍କ ଆଚାର ବ୍ୟବହାର ଗ୍ରାହକମାନଙ୍କୁ ଆକୃଷ୍ଟ କରିଥାଏ। ଖରାବେଳେ ମହାନଦୀରେ ଗାଧୁଆ ସାଙ୍ଗକୁ ଘରୋଇ ରୋଷେଇ ପରି ପ୍ରସ୍ତୁତ ଖାଦ୍ୟ ସହ ୧୫ରୁ ୨୦ ପ୍ରକାର ଆନୁଷଙ୍ଗିକ ଭିନ୍ନ ସ୍ୱାଦର ଖାଦ୍ୟ ଗ୍ରାହକଙ୍କ ମନକୁ ପୁଣି ଥରେ ଏଠାରେ ଖାଇବାକୁ ଆଗ୍ରହ ସୃଷ୍ଟି କରିଥାଏ। ଜନଗହଳି ଶୂନ୍ୟ ଉତ୍ତମ ପରିବେଶ ମଧ୍ୟରେ ଥିବା ଏହି ହୋଟେଲକୁ ବାହାରର ଲୋକେ ପୂର୍ବରୁ ବରାଦ ଦେଇ ସ୍ୱାଦିଷ୍ଟ ନିରାମିଶ ଖାଦ୍ୟ ଖାଇବାକୁ ଗହଳି ଲଗାଉଛନ୍ତି। ବିଶେଷ କରି ଏହି ଗ୍ରୀଷ୍ମ ପ୍ରବାହ ସମୟରେ କଂସା ବେଲାରେ ଦହି ପଖାଳ ସାଙ୍ଗକୁ ଶାଗ ସବଜି, ବଡ଼ିଚୁରା, ଆମ୍ବ ଛେଚା, ଆମ୍ବୁଲ ରାଇ, ସଜନା ଛୁଇଁ, ଶାଗ, ନିମ୍ବ କଢ, ଆଳୁ, ପୋଟଳ, ବାଇଗଣ, କଳରା ଭଜା, ଆଳୁ ଚକଟା, ପାମ୍ପଡ, ଲେମ୍ବୁ, ପିଆଜ ଆଦିକୁ ଏକ ପତ୍ର ଖଲିରେ ପରସା ଯାଉଛି। ଗ୍ରାହକମାନେ ପଖାଳ ଖାଇ ଆନନ୍ଦ ଅନୁଭବ କରୁଥିବା କହିଛନ୍ତି। ବିଶେଷ କରି ପଖାଳ କଂସା ସହ ଲଙ୍କା, ଭେରଷୁଙ୍ଗାପତ୍ର, ଫୁଟଣ ଛୁଙ୍କ ଦିଆଯାଇ ପ୍ରସ୍ତୁତ ଖାଦ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ମିତାଲି


@ ଧନଞ୍ଜୟ


@ ଗୋବର୍ଦ୍ଧନ


@ ନରେଶ


@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ମାଙ୍କଡ଼ା ପଥର,ବାଲି ବୋଝେଇ ଗାଡ଼ି ଜବତ

ନୟାଗଡ଼ ଅଫିସ,୨୯।୫



ନୟାଗଡ଼ ଜିଲା ରଣପୁର ତହସିଲ ପକ୍ଷରୁ ଚମ୍ପତିପୁର ଛକ, ସୁନାଖଳା, ଗୋପାଳପୁରଠାରେ ଚଢ଼ାଉ କରି ୫ ବାଲି ବୋଝେଇ ହାଇୱା ଓ ୨ ମାଙ୍କଡା ପଥର ବୋଝେଇ ୪୦୭ ଟ୍ରକ ଜବତ ହୋଇଛି । ରଣପୁର ତହସିଲଦାର ଈପ୍‌ସିତ କୁମାର ସାହୁ ଓ ଅତିରିକ୍ତ ତହସିଲଦାର ଅବିନାଶ କୁମାର ମାହାରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ବାଲି ବୋଝେଇ ୫ ଟ୍ରକରୁ ୨ ଲକ୍ଷ ୩୦ ହଜାର ଜରିମାନା ଆଦାୟ ହୋଇଛି ।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର, ୨୯।୫(ଡି.ଏନ.ଏ.): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କେରୁଆଁପାଳ ଗାଁର ରାଧାଶ୍ୟାମ ମଣ୍ଡଳଙ୍କ ପୁଅ ତପନ ମଣ୍ଡଳ ୩ ମାସ ତଳେ ଭଦ୍ରକ ଜିଲାରୁ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଆସିଥିଲେ। ଭଦ୍ରକରୁ ଅପହରଣ କରି ତପନ ନାବାଳିକାଙ୍କୁ ନେଇ କୋଲକତା ଚାଲି ଯାଇଥିଲେ। ସେଠାରୁ ୨ଦିନ ତଳେ ଗାଁକୁ ଆସିଥିଲେ। ଖବରପାଇ ଭଦ୍ରକ ଜିଲା ପୋଲିସ ସୋମବାର ତାଳଚୁଆ ଅଞ୍ଚଳରେ ପହଞ୍ଚି ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ନାବାଳିକାଙ୍କୁ ଅପହରଣ କରିଥିବା ତପନଙ୍କୁ ଗିରଫ କରି ଭଦ୍ରକ ପୋଲିସ ନେଇ ଯାଇଛି।

### ନିଆଁ ଲାଗି ୩ ବଖରା ସହ ୫୦ହଜାର ଟଙ୍କା ଜଳିଗଲା

ରାଜନଗର, ୨୯।୫(ଡି.ଏନ.ଏ.): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଜୁନୁସନଗର ଗାଁରେ ସୋମବାର ଅଗ୍ନିକାଣ୍ଡରେ ୩ ବଖରା ସହ ନଗଦ ୫୦ହଜାର ଟଙ୍କା ଓ ସମସ୍ତ ଆସବାସପତ୍ର, ଧାନ ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ମଧ୍ୟାହ୍ନ ସାଢ଼େ ୧୨ଟାରେ ଗାଁର ଶଙ୍କର ଜାନାଙ୍କ ଘରେ ହଠାତ୍ ନିଆଁ ଲାଗିଥିଲା। କେହି କିଛି ବୁଝିବା ପୂର୍ବରୁ ମାତ୍ର ୧୦ ମିନିଟ ମଧ୍ୟରେ ପୁରା ୩ ବଖରାକୁ ନିଆଁ କବଳିତ କରି ନେଇଥିଲା। ପ୍ରବଳ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଅଗ୍ନିକାଣ୍ଡକୁ କେହି ଆୟତ କରି ପାରି ନ ଥିଲେ। ଶଙ୍କର ଚିଙ୍ଗୁଡ଼ି ଘେରିରେ ଶ୍ରମିକ ଭାବେ କାମ କରନ୍ତି। ୩ ଦିନ ତଳେ ଚିଙ୍ଗୁଡ଼ି ଘେରିରେ ମାଛ ଧରା ହେବା ପରେ ତାଙ୍କ ମଜୁରୀ ବାବଦକୁ ୫୦ହଜାର ଟଙ୍କା ଆଣି ଘରେ ରଖିଥିଲେ।

### କଣ୍ଡିଆହାଟ ବି.ପି. ହାଇସ୍କୁଲରେ ୨୦୦୨ ବନ୍ଧୁମିଳନ

ରାଜକନିକା,୨୯।୫(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲାର କଣ୍ଡିଆହାଟ ବାରାହାପ୍ରଗଣା ନୋଡାଲ ଉଚ୍ଚ ବିଦ୍ୟାଳୟର ୨୦୦୨ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ଭଗବାନ ନାୟକ, ବ୍ରହ୍ମାନନ୍ଦ ସାମଲ, କ୍ରୀଡ଼ା ଶିକ୍ଷକ ବିଜୟ କୁମାର ବେହୁରା, ବି.ପି. ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଧନେଶ୍ୱର ବଳ, ଦିବାକର ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାଚୀନ କାଳରେ ଗୁରୁ-ଶିଷ୍ୟ ସମ୍ପର୍କ ସମାଜରେ ଏ ବଡ଼ ପରିପୂରକ ଥିଲା। ଚାକିରି କରିବା ପରେ ମୋ ସ୍କୁଲ ଅଭିଯାନରେ ସମ୍ପୃକ୍ତ ହୋଇ ଆର୍ଥିକ ଅନୁଦାନ ଯୋଗାଇଦେବାକୁ ପୁରାତନ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଚରପଡ଼ା ପଞ୍ଚାୟତର ସରପଞ୍ଚ ଧୀରେନ ଯେନା ଅତିଥି ପରିଚୟ ଦେଇଥିବାବେଳେ ରଶ୍ମିତା ମଲିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗୁରୁମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ସରଜିତ ସାମଲ, ଜନ୍ମେଜୟ ବେହେରା, ସୁବାସ ଚନ୍ଦ୍ର ବଳ, ପ୍ରକାଶ ଯେନା, ଜନ୍ମେଜୟ ବିଶ୍ୱାଳ, ନରୋତ୍ତମ ବିନ୍ଧାଣି, ବିକାଶ ସାହୁ, ରାକେଶ ବଳ, ଉମାକାନ୍ତ ବେହେରା, ଅବିନାଶ ଦାସ, ଶୁଭଙ୍କର ବଳ, ଅଜାମ୍ବର ମଲିକ ପ୍ରମୁଖ ଗୁରୁ-ଶିଷ୍ୟ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ।

# ଜିଲା ବିକାଶରେ ଜବରଦଖଲ ବାଧକ ସାଜିଛି

କେନ୍ଦ୍ରାପଡ଼ା ଅଫିସ, ୨୯।୫

- ଗୋଚର, ପାଣି ନାଳ ମଧ୍ୟ ବାଦ୍ ପଡ଼ୁନି
- ଅନୁପ୍ରବେଶକାରୀଙ୍କ ଦଖଲରେ ଉପାନ୍ତ ଜଙ୍ଗଲ ଜମି
- ଅଭିଯୋଗ ହେଉଛି, କାର୍ଯ୍ୟାନୁଷ୍ଠାନ ନାହିଁ

କେନ୍ଦ୍ରାପଡ଼ା ସହର ରାସ୍ତାରେ ସର୍ବଦା ଟ୍ରାଫିକ୍ ଜାମ୍। ପାଣିନାଳ ଉପରେ ଘର। ବର୍ଷା ହେଲେ ସହରର ୧୨ଟି ୱାର୍ଡବାସୀଙ୍କ ଘରେ ପାଣି ପଶୁଛି। ମାତ୍ର ୫ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ସହର ମଧ୍ୟରେ ୨୪ଟି ପୋଖରୀ ଥିବାବେଳେ ଏବେ ମାତ୍ର ୬ଟିର କେବଳ ଚିହ୍ନ ରହିଛି। ଗୋବରୀ ନଦୀପଠାରେ ଗୋଟିଏ ପରେ ଗୋଟିଏ କୋଠା ନିର୍ମାଣ ହେଉଛି। ଜବରଦଖଲର ଏହି ଚିତ୍ର କେବଳ ସହର ମଧ୍ୟରେ ସୀମିତ ନାହିଁ, ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ମହାକାଳପଡ଼ା, ରାଜନଗର, ରାଜକନିକା ଅଞ୍ଚଳରେ ଅନୁପ୍ରବେଶକାରୀ ଭର୍ତ୍ତି ହୋଇ ଗଲେଣି। ଜାତୀୟ ଉଦ୍ୟାନ ଭିତରକନିକା ଏଥିରୁ ବାଦ୍ ପଡ଼ିନି। ଜଙ୍ଗଲ ଜମିକୁ ଜବରଦଖଲ କରି ଘର ସହ ଚିଙ୍ଗୁଡ଼ି ଘେରି କରୁଛନ୍ତି। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟ ଜଳ ଚାଷ ଓ ଜଙ୍ଗଲକୁ ନଷ୍ଟ କରୁଛି। ଏ ନେଇ ଅଭିଯୋଗ ହେଲେ ମଧ୍ୟ ସରକାରୀ କଳ ନୀରବ ରହୁଛି। ଜବରଦଖଲ ଏବେ ଜିଲାର ମୁଖ୍ୟ ସମସ୍ୟା ହୋଇଛି। ଏହାଦ୍ୱାରା ଜିଲା ବିକାଶରେ ବାଧା ସୃଷ୍ଟି ହେଉଥିବା ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ଖଡ଼ିଅଙ୍ଗସ୍ଥ କ୍ଷୀତିଶ କୁମାର ସିଂହ କହିଛନ୍ତି, ସହର ମଧ୍ୟରେ ଜବରଦଖଲ ଏକ ସମସ୍ୟା ହୋଇଛି। ଗୋବରୀ ନଦୀପଠା ଏବେ ଜବରଦଖଲକାରୀଙ୍କ ନିକଟକୁ ଚାଲିଯାଇଛି। ଫଳରେ ବର୍ଷାଋତୁରେ ନଦୀରେ ଜଳପ୍ରବାହ ଠିକ୍ ରହୁନାହିଁ। ସେହିପରି କନିଆ ଯୋରରେ ଥିବା ପାଣିନାଳ ଉପରେ ଘର ହୋଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଏହି ସମସ୍ୟା ଗୋଟିଏ ସ୍ଥାନରେ ନାହିଁ। ପୌରାଞ୍ଚଳରେ ଥିବା ପ୍ରତ୍ୟେକ ନାଳ ଉପରେ ଘର ନିର୍ମାଣ ହେଉଛି। ଏପରି କି ରାସ୍ତା ଉପରକୁ ଘର ନିର୍ମାଣ ହେଉଥିବାରୁ ସର୍ବଦା ଟ୍ରାଫିକ୍ ଜାମ୍ ରହୁଛି। ଏ ନେଇ ପୌର ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ସ୍ଥାନୀୟ ଲୋକ ଅବଗତ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସ୍ୱେରେଜ ସିଷ୍ଟମ୍, ଟ୍ରାଫିକ୍ ବ୍ୟବସ୍ଥା, ବିଦ୍ୟୁତୀକରଣ ଓ ସହରର ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି ହୋଇଛି। ରାଜନଗରର ହରିହର ସାହୁ, ମହାକାଳପଡ଼ାର ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅମିତାଭ ଚାନ୍ଦ ପ୍ରମୁଖ କହିଛନ୍ତି, ଉପାନ୍ତ ଅଞ୍ଚଳ ଏବେ ଜବରଦଖଲକାରୀଙ୍କ ହାତରେ ରହିଛି। ଭୂମିହୀନ ଦର୍ଶାଇ ଅଥବା କୁଜଙ୍ଗ ରାଜାଙ୍କ ମିଛ ହାତପଟ୍ଟା ଦ୍ୱାରା ଜଙ୍ଗଲ ଜମିକୁ ଜବରଦଖଲ କରାଯାଉଛି। ଏପରି ଘଟଣା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବେଶି ଦେଖିବାକୁ ମିଳୁଛି। ପେଟଛେଲାଠାରୁ ରଙ୍ଗଣୀ ପର୍ଯ୍ୟନ୍ତ ଅନୁପ୍ରବେଶକାରୀ ଏହାର ଫାଇଦା ନେଉଛନ୍ତି। ଏହି ଅବସ୍ଥା ରାଜନଗର, ରାଜକନିକା, ଆଳି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳୁଛି। କେବଳ ଜବରଦଖଲ ସମସ୍ୟାକୁ ନେଇ ଗତ ୨ ମାସରେ ୧୬ଟି ମାମଲା ସ୍ଥାନୀୟ ଥାନାଗୁଡ଼ିକରେ ହୋଇଛି। ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିରରେ ଏପରି ବହୁ ମାମଲା ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଚିଙ୍ଗୁଡ଼ି ଘେରି ପାଇଁ ସମୁଦ୍ର ତଟାଞ୍ଚଳର ଜଙ୍ଗଲ ଜମି ଜବରଦଖଲ ହେଉଛି। ଉଚ୍ଚ ନ୍ୟାୟାଳୟରେ ଏହି ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ ହୋଇ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ସତ୍ତ୍ୱେ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉନାହିଁ। ଏହି କାରଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରୁ ୨୦୧୭ରେ ବାଦ୍ ପଡ଼ିଥିଲେ ମଧ୍ୟ ଜିଲା ପ୍ରଶାସନ ଓ ରାଜନେତାମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ନିକଟରେ ରାଜକନିକା, ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରୁ କେତେକି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବେଆଇନ ଭାବେ ହୋଇଥିବା ଚିଙ୍ଗୁଡ଼ି ଘେରିକୁ ଭଙ୍ଗା ଯାଇଛି। ଏହାବ୍ୟତୀତ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ ହେଉଛି। ସହର ମଧ୍ୟରେ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଯୋଜନା ରହିଛି ବୋଲି ସେ କହିଛନ୍ତି।



ତାଳଚୁଆଠାରେ ନାଳ ଉପରେ ଜବରଦଖଲ କରି ଜଣେ ବ୍ୟକ୍ତି ଘର କରିଛନ୍ତି।

# ଡାମରପୁରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ: ୬୭ ଅଭିଯୋଗ




ଡାମରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ

ପଟ୍ଟାମୁଣ୍ଡାଇ,୨୯।୫ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନକରି ପ୍ରଶାସନ ଜନସାଧାରଣ ସମସ୍ୟା ସମାଧାନ କ୍ଷେତ୍ରରେ ନିଷ୍ଠାବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଡାମରପୁର ସରପଞ୍ଚ ଅନସୂୟା ନାଥ, ସମିତିସଭ୍ୟ ନିରୁପମା ସାହୁ ପ୍ରମୁଖ ଯୋଗଦେଇଥିଲେ। ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ୬୭ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୧୬ଜଣ ଭତ୍ତା ପାଇଁ ଆବେଦନ କରିଥିବା ବେଳେ ୫ ସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏଡିଏମ୍ ନିଲୁ ମହାପାତ୍ର, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମକୃଷ୍ଣ ହାଲ୍‌ଦାର, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ଉଦ୍ୟାନ ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ଆଗତ ସମସ୍ତ ଅଭିଯୋଗ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

କେନ୍ଦ୍ରାପଡ଼ା ଅଫିସ, ୨୯।୫




କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ଜିଲାର ଭିନ୍ନକ୍ଷମ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ରାଶି ସୋମବାର ପ୍ରଦାନ କରାଯାଇଛି। ଅନୁଷ୍ଠାନ ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାହୁ ଜାତୀୟସ୍ତରରେ ଅଂଶଗ୍ରହଣ କରିଥିବା କ୍ରୀଡାବିତ ମହାକାଳପଡ଼ା ବ୍ଲକ ସାମନ୍ତସିଂହାରପୁର ଗ୍ରାମର ପ୍ରଶାନ୍ତ ନାୟକ, ରାଜକନିକା ବ୍ଲକ ଗଞ୍ଜା ଗ୍ରାମର ସ୍ୱର୍ଣ୍ଣଲତା ବେହେରାଙ୍କୁ ଅନୁଷ୍ଠାନର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଉପଦେଷ୍ଟା ଡ. ରାଉତରାୟ କହିଛନ୍ତି, ପ୍ରୋତ୍ସାହନ କ୍ରୀଡାବିତଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଦେବ। ଏହି ସଭାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପ୍ରତିନିଧି କିରଣବାଳା ଚୌଧୁରୀ, ସ୍ୱପ୍ନାଂଶୁ ଦାସ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ପ୍ରସାଦ ଦାସ, ମହମ୍ମଦ ଜାହିଦ ଖାନ, ନିରଞ୍ଜନ ମଙ୍ଗରାଜ ପ୍ରମୁଖ ସାମିଲ ହୋଇଥିଲେ।

# 'ଫୋନ୍ ପେ'ରେ ଲାଞ୍ଚ ନେଇ ଟିପିସିଓଡିଏଲ୍ କର୍ମଚାରୀ ଗିରଫ

### ଓଡ଼ିଶା ଭିଜିଲାନ୍ସ ଇତିହାସରେ ପ୍ରଥମ

ଭୁବନେଶ୍ୱର,୨୯।୫ (ବ୍ୟୁରୋ)

ଜଣେ ବ୍ୟକ୍ତିଙ୍କ ପାଖରୁ 'ଫୋନ୍‌ପେ' ଜରିଆରେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିସିଓଡିଏଲ୍‌ର ଜଣେ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ସୋମବାର ଗିରଫ ହୋଇଛନ୍ତି। ସେ ହେଲେ ସଂସ୍ଥାର ନୟାପଲ୍ଲୀସ୍ଥିତ ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍ (ଜିଆର୍‌ଏଫ)ର ଅଫିସ ଆସିଷ୍ଟାଣ୍ଟ ଗ୍ରେଡ୍-୩ ତରୁଣ ରଞ୍ଜନ ନାୟକ। ଏଥିସହ ଆଉ ଜଣେ ମହିଳା ସହଯୋଗୀ ଶୈଳଜା ମୁଦୁଲିଙ୍କୁ ମଧ୍ୟ ଗିରଫ ହୋଇଛନ୍ତି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ନଂ.୧୪/୨୩ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ 'ଫୋନ୍‌ପେ'ରେ ଲାଞ୍ଚ ନେଇ ଧରାପଡ଼ିବା ପ୍ରଥମ ଘଟଣା ବୋଲି କୁହାଯାଇଛି। ଏଭଳି ତରୁଣ ନିୟମିତ ଶୈଳଜାଙ୍କ ଦ୍ୱାରା 'ଫୋନପେ'ରେ ଲାଞ୍ଚ ନେଉଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ତରୁଣଙ୍କ ମଞ୍ଚେଶ୍ୱର ଥାନା ପାଣ୍ଡରାସ୍ଥିତ ବାସଭବନ, କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ଗ୍ରାମସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଛି। ଅଭିଯୋଗକାରୀ ସନ୍ଦୀପ କୁମାର ସ୍ୱାଇଁ ବରଗଡ଼ ଥାନା ଅଞ୍ଚଳରେ ତାଙ୍କ ଘରେ ପରିବାର ସହ ରହୁଛନ୍ତି। ସେଠାରେ ବିଦ୍ୟୁତ ସଂଯୋଗ ନ ଥିଲା। ଏଥିପାଇଁ ୨ଟି ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମରର ଆବଶ୍ୟକ ପଡ଼ିଥିଲା। ଏ ନେଇ ସେ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ମଧ୍ୟ ସୁବିଧା ମିଳି ନ ଥିଲେ। ଏ ସଂକ୍ରାନ୍ତରେ ସନ୍ଦୀପ ଏଜିଏମ୍‌ଙ୍କୁ ଭେଟିବାରେ ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍‌ରେ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଆର୍‌ଏଫ୍‌ରେ କାର୍ଯ୍ୟରତ ତରୁଣ ଏ ନେଇ କେସ୍ ପଞ୍ଜୀକୃତ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରବିବାର ଶୈଳଜାଙ୍କ ଫୋନପେ ନମ୍ବରରେ ସନ୍ଦୀପ ଏହି ଟଙ୍କା ଦେଇ ଏ ସଂକ୍ରାନ୍ତରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ପ୍ରେସ୍ କ୍ଲବ ଚାମ୍ପିୟନ



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ମାର୍ଶାଘାଇ,୨୯।୫ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କଲେଜ ଖେଳ ପଡ଼ିଆ ମାର୍ଶାଘାଇ ପ୍ରେସ୍ କ୍ଲବ ଓ ଜିଲା ଓକିଲ ସଂଘ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଟସ୍ ଜିଣି ଓକିଲ ସଂଘ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୬୯ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରେସ୍ କ୍ଲବ ୩ ଉଇକେଟ ହରାଇ ୭୦ ରନ କରି ଚାମ୍ପିୟନ ହୋଇଥିଲା। ବିଡିଓ ଉମାଶଙ୍କର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଚାମ୍ପିୟନ ମାର୍ଶାଘାଇ ପ୍ରେସ୍ କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ। ରନର ଅପ୍ ଓକିଲ ସଂଘକୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, କଲେଜ ଅଧ୍ୟକ୍ଷ ଗୋବିନ୍ଦ ମୁଖ ମଞ୍ଚାସୀନ ଥିଲେ। ପ୍ରେସ୍ କ୍ଲବ ଟିମ୍‌ର ନେତୃତ୍ୱ ଶୁଭେନ୍ଦୁ ପ୍ରକାଶ ଦାସ ନେଇଥିବା ବେଳେ ଓକିଲ ସଂଘ ଟିମ୍‌ର ହରିପ୍ରସାଦ କର ନେତୃତ୍ୱ ନେଇଥିଲେ। ସରପଞ୍ଚ ସଞ୍ଜୟ ସେଠୀ ଓ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଶାନ୍ତିଭୂଷଣ ପରିଡ଼ା ଓ ସୌମ୍ୟରଞ୍ଜନ ମଲ୍ଲିକ ଖେଳ ପରିଚାଳନା କରିଥିଲେ।

# ଓସ୍ତିଆ ଏଏନ୍‌ଏମ୍ ସେଣ୍ଟର ଉଦ୍‌ଘାଟିତ

ରାଜନଗର, ୨୯।୫(ଡି.ଏନ.ଏ.)

ରାଜନଗର ବ୍ଲକ ଓସ୍ତିଆଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଅନୁଦାନରୁ ନିର୍ମିତ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ବିରଞ୍ଜନ ସ୍ୱାଇଁ, ସରପଞ୍ଚ ବୈଦେହୀ ଦାସ, ଏଏନ୍‌ଏମ୍ ନନ୍ଦିନୀ ଦାସ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ନାଏବ ସରପଞ୍ଚ ସର୍ବେଶ୍ୱର ବିଶ୍ୱାଳ, ନରେନ୍ଦ୍ର ସ୍ୱାଇଁ, ପୃଥ୍ୱିରାଜ ପାତ୍ର, ଅମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଳିରେ ପ୍ରତିଭା ସମ୍ମାନ ସମାରୋହ

ଆଳି,୨୯।୫ (ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷାରେ ହାଇସ୍କୁଲ ଟପ୍ପର ହୋଇଥିବା ୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଆଳି ମାଇନୋରିଟି କାଉନସିଲ ଓ ଯବିର ବିନ୍ କବିର ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମେଣ୍ଢପୁର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ମୁଁମ୍‌ସାଦ ଖାଁ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜୀବନର ଲକ୍ଷ୍ୟ ପଥରେ ସଫଳତା ପାଇବା ପାଇଁ କିପରି ଆଗେଇବା ଆବଶ୍ୟକ ସେ ନେଇ ଅନେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଭାବ ବିନିମୟ କରିଥିଲେ। ମୁଖ୍ୟବକ୍ତା ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନ, ସମ୍ମାନିତ ଅତିଥି ଆଳି ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଆଳି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକ, ହସିମୁଦ୍ଦିନ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ମହାନ୍ତି, ବରିଷ୍ଠ ଶିକ୍ଷାବିତ ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ, ସେକ ଆଦିଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଜୀବନରେ କିପରି ଭାବେ ଉନ୍ନତି କରିପାରିବେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମେଣ୍ଢପୁର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ର ସେକ୍ ଆବିଦ, ଉମେ ରୁମାନ, ସାହେନା ଅକତାରୀ, ଆଳି ଉଚ୍ଚ ବିଦ୍ୟାଳୟର ସତ୍ୟଜିତ ଦାସ, ସୌମ୍ୟରଞ୍ଜନ ବେହେରା, ସଙ୍ଗୀତା ଦାସ, ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ଆଦର୍ଶ ମହାନ୍ତି, ଶୁଭରଞ୍ଜନ ବେହେରା ଓ ପ୍ରାଚୀ ପ୍ରଜ୍ଞା ମହାରଣାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷରେ ଉଚ୍ଚ ବିଦ୍ୟାଳୟର ସମସ୍ତ ମାଟ୍ରିକ ପିଲାମାନଙ୍କୁ ୨ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଅବଦୁଲ ମତିନ, ଏମ୍‌ଡି ସିକବତୁଲ୍ଲା ଖାଁ, ସେକ୍ ନସୀମ ଆକ୍ତର, ସେକ୍ ସମସୁଦ୍ଦିନ, ସେକ୍ ଗବର, ଜସୀମ ଖାଁ, ମିର୍ଜା ଆଲିମ, ୱାସେ ଉଦ୍ଦିନ, ସେକ୍ ରାଜୁ ପ୍ରମୁଖ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ୩ ବିଦ୍ୟାଳୟର କୃତୀ ମାଟ୍ରିକ ପରୀକ୍ଷାର୍ଥୀ ।

# ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୧୫୬ ଅଭିଯୋଗ




ରାଜନଗରରେ ମିଳିତ ଜନ ଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି।

ରାଜନଗର, ୨୯।୫ (ଡି.ଏନ.ଏ.)

ରାଜନଗର ବ୍ଲକ ପରିସରରେ କେନ୍ଦ୍ରାପଡା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୧୫୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ୧୪୬ଟି ବ୍ୟକ୍ତିଗତ ଓ ୧୦ଟି ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ସାତଭାୟା ପଞ୍ଚାୟତର ଥଇଥାନରୁ ବଞ୍ଚିତ ପରିବାର ସେମାନଙ୍କୁ ଥଇଥାନ କରିବାକୁ ଅଭିଯୋଗ କରିଥିଲେ। ଡ. ଧରଣୀଧର ରାଉତଙ୍କ ସହ ୪୦ ଦଳିତ ପରିବାର ପହଞ୍ଚି ସେମାନଙ୍କୁ ଘରଡ଼ିହ ଆବଣ୍ଟନ କରିବା ସମ୍ପର୍କରେ ଅଭିଯୋଗ କରିଥିଲେ। ଥଇଥାନସ୍ଥଳୀ ବଗପାଟିଆକୁ ମଡେଲ ଭିଲେଜ କରାଯାଉଛି। ୫-ଟି ସଚିବଙ୍କ ଗସ୍ତ ପରେ ଥଇଥାନରୁ ବାଦ ପଡ଼ିଥିବା ସମସ୍ତ ପରିବାରଙ୍କୁ ଏକକଳୀନ ଥଇଥାନ କରିବାକୁ ସରକାରୀ ସ୍ତରରେ ପ୍ରକ୍ରିୟା ଜାରି ରହିଛି। ଅଭିଯୋଗ କରିଥିବା ୪୦ ପରିବାର ସହ ଆଉ ୫୩ ପରିବାର ମୋଟ ୯୩ ପରିବାରକୁ ଘରଡ଼ିହ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁଦାନ ରାଶି ମଗାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଶିବିରରେ ରାଜନଗର ନାଳିଆ ଓ ବାଉଁଶ ହସ୍ତଶିଳ୍ପ ସମବାୟ ସମିତିର ସଭାପତି ବାମନ ଚରଣ ଜେନା ୫ ଶହରୁ ଊର୍ଦ୍ଧ୍ୱ ଦଳିତ ପରିବାର ଏହି କାରିଗରି ମାଧ୍ୟମରେ ଜୀବିକ ଜୀବିବା ବଞ୍ଚାଇ ପାରିବେ। ସରକାରୀ ସ୍ତରରେ ୨୦୧୩ ମସିହାରେ ସମସ୍ତଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜିଯାଏ ଚିହ୍ନଟ ଦିଆଯାଉନାହିଁ। ନାଳିଆ ଓ ବାଉଁଶ ଶିଳ୍ପ ଉପରେ ନିର୍ଭରଶୀଳ ୫ଶହ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ଆଦି ୯ଦଫା ଦାବି ପୂରଣ ପାଇଁ ଅଭିଯୋଗ କରିଥିଲେ। ଅଧିକାଂଶ ଅଭିଯୋଗ ରାଶନକାର୍ଡ, ଭତ୍ତା ଓ ଆବାସ ସମ୍ପର୍କୀତ ଆସିଥିଲା। ସାନବଡ଼ଗୋପାଳପୁର ନୁରୁଗାଁର ପ୍ରତିମା ପ୍ରଧାନ ତାଙ୍କ ଭିନ୍ନକ୍ଷମ ସ୍ୱାମୀ ନିରଞ୍ଜନଙ୍କୁ ଧରି ଶିବିରରେ ପହଞ୍ଚି ଥିଲେ। ନିରଞ୍ଜନ ଚଟାଣରେ ଘୁଷୁରି ଘୁଷୁରି ଶିବିରରେ ପହଞ୍ଚି ତାଙ୍କ ଦୁଃଖ ଜଣାଇଥିଲେ। ପୂର୍ବରୁ ତାଙ୍କୁ ୭ ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ମିଳୁଥିବା ବେଳେ ଏବେ ତାହା ୫ ଶହ ଟଙ୍କାକୁ କମି ଯାଇଛି ବୋଲି ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଅକର୍ମଣ୍ୟ ହେବା ପରେ ପରିବାର ଦୁଃଖ କଷ୍ଟରେ ଚଳୁଛି। ପୂର୍ବପରି ଭତ୍ତା ୭ଶହ ଟଙ୍କା ଯୋଗାଇ ଦେବାକୁ ନିବେଦନ କରିଥିଲେ। ଏଥିରେ ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କାଳୁଆ ମନ୍ଦିର ପ୍ରତିଷ୍ଠା ଉତ୍ସବ ଯଜ୍ଞ ପୂର୍ଣ୍ଣାହୁତି

ବ୍ରହ୍ମପୁର ଅଫିସ,୨୯।୫: ବ୍ରହ୍ମପୁର ଗୋଷାଣୀ ନୂଆଗାଁସ୍ଥ ବହୁ ପୁରାତନ ଶକ୍ତିପୀଠ ମା' କାଳୁଆ ମନ୍ଦିର ପୁନଃନିର୍ମାଣ କରାଯାଇଛି। ଏହି ଦେବୀ ପ୍ରାସାଦ ଜୀର୍ଣ୍ଣୋଦ୍ଧାର ଏବଂ ମା'ଙ୍କ ଅଷ୍ଟଧାତୁ ନବ ନିର୍ମିତ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଗତ ୨୫ରୁ ଆରମ୍ଭ ହୋଇଥିବା ୫ ଦିନିଆ ମହୋତ୍ସବ ସୋମବାର ସମାପନ ସହ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସହାୟତା ଏବଂ ଆଧାତ୍ମିକ ପ୍ରେମୀଙ୍କ ସହଯୋଗରେ ହୋଇଥିବା ନୂତନ ମନ୍ଦିର ଆକର୍ଷଣୀୟ ହୋଇଛି। କାଳୁଆ ଠାକୁରାଣୀଙ୍କ ଦର୍ଶନ ପାଇଁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲା। ଯଜ୍ଞ ପୂର୍ଣ୍ଣାହୁତିରେ ପ୍ରବଳ ଗହଳି ହୋଇଥିଲା। ଆରମ୍ଭରୁ ମନ୍ଦିର ବେଢ଼ାରେ ଅନ୍ନଯଜ୍ଞର ବ୍ୟବସ୍ଥା କରାଯାଇଥିଲା। ଚିକିଟି ଲୋକନାଥପୁର ଶାସନସ୍ଥ ଯଜ୍ଞ ବାଚସ୍ପତି ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନେକ ପୁରୋହିତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିବର୍ଷ ଆଶ୍ୱିନ ଅମାବାସ୍ୟାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୋଷାଣୀ ନୂଆଗାଁରେ ମା' କାଳୁଆଙ୍କ ୧୫ ଦିନିଆ ଯାତ୍ରା ଅନୁଷ୍ଠିତ ହେଉଛି।

### କାର୍ ସହ ୫୦ କେଜି ଗଞ୍ଜେଇ ଜବତ

ବ୍ରହ୍ମପୁର ଅଫିସ,୨୯।୫-ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଡ଼ମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏକ ଟିମ ସୋମବାର ଫାଷ୍ଟଗେଟ ଛକରେ ଗାଡ଼ି ଯାଞ୍ଚ କରିବା ବେଳେ ଗଞ୍ଜେଇ ଭର୍ତ୍ତି ଏକ କାର ଜବତ କରିଛି। ଗଞ୍ଜେଇ ଚାଲାଣକାରୀ ପୁରୀ ଅମଲା କ୍ଲବ ନିକଟ କଲେଜ ରୋଡର ହିମାଂଶୁ ବେହେରା(୨୮)ଙ୍କୁ କାବୁ କରାଯାଇଛି। ଜବତ କାର (ଓଡ଼ି -୦୨ଏଜେଡ଼ - ୮୨୦୧) ଭିତରୁ ୩ଟି ପ୍ୟାକେଟରେ ଥିବା ୫୦କେଜି ଗଞ୍ଜେଇ ମିଳିଛି। ହିମାଂଶୁ କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ପୁରୀ ଚାଲାଣ କରୁଥିଲେ ବୋଲି ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ମାମଲା ନଂ.୯୬/୨୩-୨୪ରେ ସୋମବାର କୋର୍ଟ ଚାଲାଣ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଡେପୁଟି ସୁପିରଟେଣ୍ଡେଣ୍ଟ ସେଠୀଙ୍କ ନେତୃତ୍ୱରେ ଏସଆଇ ଅଜିତ କୁମାର ନାୟକ, କନେଷ୍ଟେବଲ କପିଳାଶ ଭଦ୍ରା, କୁମୁଦ ପ୍ରଧାନ, ବଳରାମ ଜେନା, ସୁବ୍ରତ ବେହେରା, ସନ୍ତୋଷ ନାୟକ, ଭଗବାନ ହେମ୍ବ୍ରମ ପ୍ରମୁଖ ଗାଡ଼ି ଯାଞ୍ଚ କରିଥିଲେ।

### ସ୍ତ୍ରୀଙ୍କୁ ମାଡ ମାରି ସ୍ୱାମୀ ଗିରଫ

ବୁଗୁଡ଼ା,୨୯।୫(ଡି.ଏନ.ଏ.): ବୁଗୁଡ଼ା ଥାନା କରଚୁଲି ଗ୍ରାମରେ ସ୍ତ୍ରୀଙ୍କୁ ମାଡ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ଡାକୁଆ (୪୧)। ଏ ନେଇ ବୁଗୁଡା ଥାନାରେ ନଂ.୩୫୨/୨୩ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। କରଚୁଲି ଗ୍ରାମର କୁନା ତାଙ୍କ ସ୍ତ୍ରୀ ସୁଚିତ୍ରା ଡାକୁଆଙ୍କୁ ଗତ ରବିବାର ମାରଧର କରିବା ସହ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଦୋକାନରେ ନକଲି ମଦ ବିକ୍ରି

■ ଧରପଗଡ଼ ନ ଥିବାରୁ ଅବାଧ କାରବାର
■ ମଦମୃତ୍ୟୁ ଆଶଙ୍କାର ଭୟ ଘାରିଲା
■ ଚଢ଼ାଉ ପୂର୍ବରୁ ଆଗୁଆ ସୂଚନା

ନୟାଗଡ଼ ଅଫିସ,୨୯।୫

ନୟାଗଡ଼ ଜିଲାରେ ନକଲି ଦେଶୀ ଓ ବିଦେଶୀ ମଦ କାରବାର ବଢୁଥିବାରୁ ମଦମୃତ୍ୟୁ ଆଶଙ୍କା ଦେଖାଦେଇଛି। ଜିଲାର ଗୋଡ଼ିପଡ଼ା, ବାହାଡ଼ାଖୋଲା ପରି ଅନେକ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନରେ ନକଲି ମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଛି। ୨୦୨୧ ଜୁନ ୨୫ରେ ଗଣିଆର ଆଡ଼କଟାସ୍ଥିତ ବିଦେଶୀ ମଦ ଦୋକାନରୁ ୧୨୧ ବୋତଲ ନକଲି ମଦ ଜବତ ପରେ ଏହା ପ୍ରମାଣିତ ହୋଇସାରିଛି। ସରକାରୀ ଦୋକାନରେ ନକଲି ମଦ କାରବାର ପରି ଅଭିଯୋଗ ଉଠୁଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କି ଧରପଗଡ଼ ନ ଥିବାରୁ ବିଭାଗ ସନ୍ଦେହ ଘେରକୁ ଆସିଛି। ଅନ୍ୟପକ୍ଷେ ବାବୁଙ୍କ ଜାଣତରେ ସବୁ କିଛି ଚାଲିଛି ବୋଲି ଅଭିଯୋଗ ହୋଇଆସୁଛି। ଚାନ୍ଦା ବନ୍ଦ ତ ସବୁ ବନ୍ଦ। ଚାନ୍ଦା ଦେଲେ ଚଢ଼ାଉ ପୂର୍ବରୁ ମିଳିଯାଉଛି ଆଗୁଆ ସୂଚନା ଓ ସୁରକ୍ଷା। ମୋଟା ଅଙ୍କର ଟଙ୍କା ଦେଲେ ବଦଳି ଯାଉଛି ଜବତ ମଦର ପରିମାଣ। ହର୍ତ୍ତାକର୍ତ୍ତା ସାଜିଛନ୍ତି ଅବକାରୀ ଓ ପୋଲିସ କର୍ମଚାରୀ ବୋଲି ଅଭିଯୋଗ ହେଉଛି। ଏ ନେଇ ନୟାଗଡ଼, ଗୋଡ଼ିପଡ଼ା, ବାହାଡ଼ାଖୋଲାର କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି, ମଦ୍ୟପାନ କରୁଥିବା ବ୍ୟକ୍ତି ଅସଲି ନକଲିର ଫରକ ଜାଣିପାରିବେ। ଜିଲାର ଅଧିକାଂଶ ସରକାରୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଛି। ସ୍ୱଳ୍ପ ପରିମାଣର ନକଲି ମଦ ଦୋକାନରେ ରଖି ଭିନ୍ନ ଭିନ୍ନ ସ୍ଥାନରେ ରଖାଯାଉଛି। ଗ୍ରାହକକୁ ଦେଖି କାରବାର ହେଉଛି। ସବୁ ସରକାରୀ ମଦ ବିକିଲେ କ'ଣ ଦୋକାନ ଚାଲିବ ବୋଲି ସେଲସମ୍ୟାନ ସଫେଇ ଦେଉଛନ୍ତି ବୋଲି କହିଛନ୍ତି।

### ଲାଇସେନ୍ସ ନ ଥାଇ ରାଜବଗିଚାରେ କାଉଣ୍ଟର

ନୟାଗଡ଼ ସହରର ରାଜବଗିଚା ପୋଖରୀ କୂଳ ବରଗଛ ପାଖରେ ଲାଇସେନ୍ସ ନ ଥାଇ ଏକ ଦେଶୀ ମଦ କାଉଣ୍ଟର ଚାଲିଛି। ଜିଲା ସଦର ମହକୁମାରେ ଏପରି ବେଆଇନ ମଦ କାଉଣ୍ଟରକୁ ବନ୍ଦ କରିବାରେ ପୋଲିସ ଓ ଅବକାରୀ ବିଭାଗ ବିଫଳ ହୋଇଛି। ଖବରକାଗଜରେ ଖବର ପ୍ରକାଶ ପାଇଲେ ପୋଲିସ ଚଢ଼ାଉ କରି କାଁ ଭାଁ ଜଣକୁ ଗିରଫ କରି ଦାୟିତ୍ୱ ଶେଷ କରି ଦେଉଛି। ଅବକାରୀ ଫ୍ଲାଇଁ ସ୍କ୍ୱାଡ ବେଳେବେଳେ ଚଢ଼ାଉ କରି ପୁଣି ନିଜ କାମ ଶେଷ କରୁଛି। ଏଭଳି ସ୍ଥଳେ ନକଲି ଦେଶୀ ମଦ କାରବାର ଯୋଗୁ ଏଠାରେ ସବୁ ସମୟରେ ଗଣ୍ଡଗୋଳ, ମାରପିଟ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଆସୁଛି। ସ୍ଥାନୀୟ ବାସିନ୍ଦା ମଦ କାଉଣ୍ଟରକୁ ବନ୍ଦ କରିବାକୁ ବିଭିନ୍ନ ସମୟରେ ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଲାଇସେନ୍ସ ଦୋକାନ ହୋଇ ନ ଥିବାରୁ ସରକାର ମଧ୍ୟ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି।

### ସୁନାଖଳାରେ ଚାଲିଛି ବେଆଇନ ବାର

ରଣପୁର ବ୍ଲକର ସୁନାଖଳାରେ ଚାଲିଛି ବେଆଇନ ବାର। ଠିପି ବନ୍ଦ ବିଦେଶୀ ମଦ ଦୋକାନର ଲାଇସେନ୍ସ ନେଇ ଅବାଧରେ ବେଆଇନ ଭାବେ ବାର ଖୋଲା ଯାଇଥିଲେ ମଧ୍ୟ ଏହାକୁ ବନ୍ଦ କରାଯାଉନି। ଅଭିଯୋଗ କଲେ ତଦନ୍ତ କରାଯାଉଛି କହି ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜୁଛି। ଅବକାରୀ ବିଭାଗର ନୀରବଦ୍ରଷ୍ଟା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳିଆ ବେଆଇନ ବାରକୁ ବନ୍ଦ କରିବାକୁ କେତେଜଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

### କଇଁଥଗାଡ଼ିଆରେ ଦେଶୀ ମଦ ଭାଟି

ନୟାଗଡ଼ କେଶରପୁର ରାସ୍ତାର କଇଁଥଗାଡ଼ିଆରେ ଚାଲିଛି ବେଆଇନ ଭାବେ ଦେଶୀ ମଦ ଭାଟି। ଏଠାରେ ପ୍ଲାଷ୍ଟିକ ପାଉଚ ତିଆରି କରି ମଦକୁ ପ୍ୟାକିଂ କରାଯାଇ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ଅଭିଯୋଗ ହେଉଛି। ଜିଲା ସଦର ମହକୁମା ନିକଟରେ ଏଭଳି ବେଆଇନ ମଦଭାଟି ଚାଲୁଥିବାବେଳେ ପୋଲିସ ଓ ଅବକାରୀ ବିଭାଗର ଚଢ଼ାଉ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ମଦ ଭାଟି ଉପରେ ଚଢ଼ାଉ କରି ପୋଲିସ ଓ ଅବକାରୀ ବିଭାଗ ବାହାବା ନେଉଛି। ତେବେ ଜିଲା ସଦର ମହକୁମାରେ ଚଢ଼ାଉ ନ କରିବା କାରଣ କଣ ବୋଲି ପ୍ରଶ୍ନ ଉଠିଛି। ଏ ନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀଙ୍କୁ ପଚାରିବାରେ ନକଲି ଦେଶୀ ମଦ କାରବାର, ବେଆଇନ ଭାବେ ମଦ ବିକ୍ରି, ବେଆଇନ ମଦ ତିଆରକୁ ରୋକିବାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ ଚଢ଼ାଉ ବି କରାଯାଉଛି। ଆଗକୁ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି।

### ଆମ୍ବେଡକରଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ ଦାବି

ବ୍ରହ୍ମପୁର ଅଫିସ,୨୯।୫

ବ୍ରହ୍ମପୁର ମହାନଗର ମଧ୍ୟରେ ଭାରତର ସମ୍ବିଧାନ ପ୍ରଣେତା ବାବା ସାହେବ ଡା. ଭୀମରାଓ ଆମ୍ବେଡକରଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଆମ୍ବେଡକର ସାଂସ୍କୃତିକ ଯୁବକ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ସୋମବାର ବ୍ରହ୍ମପୁର ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲେଖ ରହିଛି ଯେ, ଆସନ୍ତା ୬ ତାରିଖରେ ସଂଘ ପକ୍ଷରୁ ଆଇନ ସଚେତନତା, ସାହିଗୁଡିକରେ ରହୁଥିବା ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଯତ୍ନ, ଅସ୍ପୃଶ୍ୟତା ନିବାରଣ ଓ ସଚେତନତା ଉଦ୍ଦେଶ୍ୟରେ ଆମ୍ବେଡକର ରଥ ପରିକ୍ରମା ଏବଂ ସଚେତନତା ସଭା ଆୟୋଜନ ହେବ। ତେଣୁ ତାହା ପୂର୍ବରୁ ସହର ମଧ୍ୟରେ ଆମ୍ବେଡରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ପ୍ରଶାନ୍ତ କୁମାର ନାୟକ, ଉପସଭାପତି ବିଜୟ ଭାସ୍କର ବାଙ୍ଗାରୀ, ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ପଦ୍ମ ଚରଣ ନାୟକ, ସହ ସଂପାଦକ ସତ୍ୟ ନାରାୟଣ ତ୍ରିପାଠୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ


ଅନୁଷ୍ଠିତ ସଭାରେ ଅତିଥିଗଣ।

ନୂଆଗାଁ, ୨୯।୫ (ଡି.ଏନ.ଏ.)

ନୟାଗଡ଼ଜିଲା ନୂଆଗାଁ ବ୍ଲକ ବିଭିନ୍ନ ସ୍ଥାନରେ ସୋମବାର ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ସନ୍ଧ୍ୟାରେ ବାହାଡ଼ାଖୋଲାଠାରେ ଶୁଭ ଶିଳାନ୍ୟାସ ଉତ୍ସବ ଓ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ନୂଆଗାଁ ବ୍ଲକ ସାତପାଟିଆଠାରୁ କେପେଟି ରାସ୍ତାର ଉନ୍ନତିକରଣ ନିମନ୍ତେ ୧ କୋଟି ୭୩ ଲକ୍ଷ ୮୪ ହଜାର ଟଙ୍କା ସରକାର ଅନୁଦାନ ଦେଇଛନ୍ତି। ସେହିପରି ୧ କୋଟି ୭୦ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟରେ ଭାଟସାହିଠାରୁ ଡହଙ୍ଗି ରାସ୍ତାର ଉନ୍ନତିକରଣ ଓ ୧ କୋଟି ୫୯ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ବାହାଡ଼ାଖୋଲାଠାରେ ଥିବା କଣ୍ଟିଡାକୁଆ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରର ନୂତନ ଗୃହ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ ପାଇଁ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କୃତଜ୍ଞତା ସଭାରେ ବିଧାୟକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲା ବିଜେଡି ଉପସଭାପତି ଦିଲୀପ କୁମାର ଦଳବେହେରା, ନୂଆଗାଁ ବ୍ଲକ ବିଜେଡି ସଭାପତି ସନ୍ୟାସୀ ସାମଲ, ବାହାଡ଼ାଖୋଲା ସମିତି ସଭ୍ୟ ମୀତା ଅଧିକାରୀ, ବାହାଡ଼ାଖୋଲା ସରପଞ୍ଚ ଆରତୀ ସେଠୀ, ଆରଡି ବିଭାଗ ନିର୍ବାହୀ ଯନ୍ତ୍ରୀ ସୌରଭ କୁମାର ଦାଶ, କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

### ନଦୀପଠାରୁ ଅଚିହ୍ନା ମହିଳା ଉଦ୍ଧାର

ପାତ୍ରପୁର,୨୯।୫(ଡି.ଏନ.ଏ.)

ଜରଡ଼ା ଥାନା ଖାରିଆଗୁଡା ନିକଟରେ ଥିବା ବାହୁଦା ନଦୀ ପଠାରୁ ସୋମବାର ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଭ୍ରମରପୁରଠାରୁ ଖାରିଆଗୁଡ଼ା ଚଲା ପଥର ବାହୁଦା ନଦୀ ପଠାରେ ପଡ଼ିଥିବା ଗ୍ରାମର କିଛି ବ୍ୟକ୍ତି ଦେଖିଥିଲେ। ମହିଳା ଜଣକ କିଛି କହିପାରୁ ନଥିବାରୁ ତାଙ୍କରି ପରିଚୟ ମିଳିନଥିଲା। ଏହା ପରେ ଗ୍ରାମର ଯୁବକମାନେ ଖାରିଆଗୁଡ଼ା ଫାଣ୍ଡି ଅଧିକାରୀଙ୍କୁ ଜାଣଇଥିଲେ। ପରେ ଦୁଇ ଜଣ ଫାଣ୍ଡି କର୍ମଚାରୀଙ୍କ ସହାୟତାରେ ଡାକ୍ତର ଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏହି ଖବର ପାଇ ତାଙ୍କୁ ୧୦୮ଯୋଗେ ପାତ୍ରପୁର ସ୍ଥାନାନ୍ତର କରିବା ପରେ ଚିକିତ୍ସା ଜାରି ରହିଛି। କେହି ମହିଳାଙ୍କ ସନ୍ଧାନ ପାଇଲେ ଡାକ୍ତର ଖାନାକୁ ଯିବାକୁ ପରାମର୍ଶ ଦିଆଯାଇଛି।

### ମହାକାଳେଶ୍ୱରଙ୍କ ପ୍ରଥମ ବାର୍ଷିକ ଉତ୍ସବ


ମନ୍ଦିରର ବାର୍ଷିକ ଯଜ୍ଞରେ କର୍ମକର୍ତ୍ତାମାନେ।

ଶରଣକୁଳ,୨୯।୫(ଡି.ଏନ.ଏ)

ଶରଣକୁଳ ନିକଟବର୍ତ୍ତୀ ଧୂଷୁମା ଗାଁରେ ବିରାଜିତ ଶ୍ରୀମହାକାଳେଶ୍ୱରଙ୍କ ପୀଠରେ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ପ୍ରଥମ ବାର୍ଷିକ ଉତ୍ସବ ସହ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବହୁ ମହିଳାପୁରୁଷ ଶ୍ରଦ୍ଧାଳୁ ଉପବାସ କରି ନିକଟସ୍ଥ ଦୁଆଣ୍ଟ ନଦୀରୁ କଳସରେ ଜଳ ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଠାରେ ୪ ଦିନ ଧରି ଯଜ୍ଞ ଚାଲିଥିଲା। ପଣ୍ଡିତମାନେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ଏହି ଯଜ୍ଞର ୪ଦିନ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଗ୍ରାମ୍ୟ କମିଟି ସଭାପତି ନରୋତ୍ତମ ବିଶୋଇ, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ଅର୍ଜୁନ ସ୍ୱାଇଁ, ମନ୍ଦିର କମିଟି ସଭାପତି ପୁରସ୍ତମ ସାହୁ, ସମ୍ପାଦକ ଭିକାରୀ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ସୁଶିଳ କୁମାର ବରାଡ, ଯଜ୍ଞ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

## ୨୭ ଅଭିଯୋଗର ତତ୍କାଳ ସମାଧାନ

ଓଡ଼ଗାଁ,୨୯।୫(ସ୍ୱ.ପ୍ର.)

ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ରବୀନ୍ଦ୍ରନାଥ ସାହୁଙ୍କ ସହିତ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓଡ଼ଗାଁ ତହସିଲଦାର ଅନିଲ ଆଚାର୍ଯ୍ୟ, ବିଡିଓ ସନ୍ତୋଷ କୁମାର ଜେନା,ଓଡ଼ଗାଁ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ,ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମଙ୍କ ସହିତ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୬୪ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨ ସାମୁହିକ, ୧୩ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ଅଭିଯୋଗ ରହିଥିଲା ସହିତ ଅନ୍ୟାନ୍ୟ ଅଭିଯୋଗ ଥିଲା। ଶିବିରରେ ୨୭ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ମାମଲାଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ଼ଗାଁ ଗାୟତ୍ରୀ ପରିବାରର ପରିଜନମାନେ ପ୍ରଜ୍ଞାପୀଠକୁ ରାସ୍ତା ନିମନ୍ତେ ନିରୂପିତ ଜାଗା ଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ଦୀର୍ଘ ଦିନ ଧରି ଏ ଅଭିଯୋଗ ଲାଗିରହିଥିବା ବେଳେ ଏହାର ପ୍ରକ୍ରିୟା ସରୁ ନାହିଁ ବୋଲି ପରିଜନମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଶନ କାର୍ଡରେ ନୂତନ ନାମ ସଂଯୋଗ ନିମନ୍ତେ ଅନେକ ହିତାଧିକାରୀ ଅଭିଯୋଗ କରିଥିବାବେଳେ ପର୍ଯ୍ୟାୟ କ୍ରମେ ସେମାନଙ୍କ ନାମ ସଂଯୋଗ କରାଯିବ ବୋଲି ବିଡିଓ କହିଥିଲେ।


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ

ପଞ୍ଚାମୁଣ୍ଡାଇ,୨୯।୫(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ପଞ୍ଚାମୁଣ୍ଡାଇ-ରାଜନଗର ଉପର ରାସ୍ତା ଅଢ଼ାଯୋଡ଼ି ନିକଟରେ ଏକ ଟ୍ରାକ୍ଟର ସହିତ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ପବିତ୍ର ମଳିକ (୩୮), ଘର ପଞ୍ଚାମୁଣ୍ଡାଇ ବ୍ଲକ ଆମ୍ବେର ଗ୍ରାମରେ। ତାଙ୍କର ଛୋଟ ଛୋଟ ୨ ପୁଅ ଓ ଗୋଟିଏ ୭ ବର୍ଷର ଝିଅ ଅଛନ୍ତି। ପବିତ୍ର ହାଟ ବଜାର ଓ ଗାଁକୁ ଗାଁ ବୁଲି ପରିବା ବ୍ୟବସାୟ କରୁଥିଲେ। ସୋମବାର ଅପରାହ୍ନ ସାଢେ ୪ଟାରେ ସେ ବାଇକ୍ ଯୋଗେ ଗୁଣ୍ଠି ମଦନପୁର ଆଡୁ ଫେରୁଥିବା ବେଳେ ଅଢ଼ାଯୋଡ଼ି ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପଞ୍ଚାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପଞ୍ଚାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମନ୍ଥରାର କୁମନ୍ତ୍ରଣାରେ ବନବାସ ଗଲେ ରାମଚନ୍ଦ୍ର

**ବାପୁଜୀ ନଗର ରାମଲୀଳା**

■ ପର୍ଶୁରାମଙ୍କର ଗର୍ବ ଗଞ୍ଜନ ହେଲା

ଖଣ୍ଡପଡା,୨୯।୫(ସ୍ୱ.ପ୍ର): କଣ୍ଟିଲୋ ବାପୁଜୀ ନଗର କଂସାରୀସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ରବିବାର ଥିଲା ୩ୟ ମଞ୍ଚସ୍ଥ ନାଟକ 'ପର୍ଶୁରାମ ଭେଟ, ମନ୍ଥରାଗମନ ଓ ରାମ ବନବାସ'। ପୁରାଣର କଥା ବସ୍ତୁକୁ ଆଧାର କରି ଜନକଙ୍କ ସର୍ତ୍ତ ଅନୁସାରେ ଶିବଧନୁ ଭାଙ୍ଗି ରାମଚନ୍ଦ୍ର ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ। ଫେରିବା ବାଟରେ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ବୀର ଭାବେ ଗର୍ବ କରୁଥିବା ପର୍ଶୁରାମଙ୍କ ସହ ରାମଚନ୍ଦ୍ରଙ୍କ ଭେଟ ହୋଇଥିଲା। ନିଜ ହାତରେ ଧାରଣ କରିଥିବା ଶିବ ଧନୁକୁ ଅନ୍ୟ କେହି ଉଠାଇ ପାରିବେ ନାହିଁ ବୋଲି ମନେ କରୁଥିବା ପର୍ଶୁରାମ ରାମଚନ୍ଦ୍ରଙ୍କୁ ସେହି ଧନୁକୁ ଧାରଣ କରିବାକୁ ବାଧ କରିଥିଲେ। ତେବେ ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁକୁ ଉଠାଇ ଧାରଣ କରିବା ପରେ ପର୍ଶୁରାମଙ୍କ ଗର୍ବ ଗଞ୍ଜନ ହୋଇଥିଲା। ଇତି ମଧ୍ୟରେ ଅଯୋଦ୍ଧା ରାଜବାଟିରେ ମନ୍ଥରା ଦାସୀର କୁମନ୍ତ୍ରଣା କ୍ରମେ ରାଣୀ କୈକେୟୀ ଦଶରଥଙ୍କ ନିକଟରୁ ୨ଟି ବର ମାଗି ନେଇଥିଲେ। ସେଥିମଧ୍ୟରୁ ପ୍ରଥମ ବର ଅନୁଯାୟୀ, ଭରତ ଅଯୋଧାରେ ରାଜା ହେବା ସହ ରାମଚନ୍ଦ୍ରଙ୍କୁ ୧୪ବର୍ଷ ବନବାସ ଯିବାକୁ ହେବ। ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ। ରବିବାର ମଞ୍ଚସ୍ଥ ଏହି ନାଟକ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମଞ୍ଚସ୍ଥ ନାଟକରରେ ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ଅସିତ ମହାରଣା, ଅମିତ ସାହୁ ଓ ଚିଣ୍ଟୁ ସାହୁ ଅଭିନୟ କରିଥିଲେ। ସେହିପରି ପର୍ଶୁରାମ, ମନ୍ଥରା, ଜନକ, ଦଶରଥ, କୈକେୟୀ ଓ ବିଶ୍ୱାମିତ୍ର ଭୂମିକାରେ ତାପସ କୁମାର ସାହୁ, ଦିପୁ ରଞ୍ଜନ ସାହୁ, ଭିକାରୀ ଚରଣ ସାହୁ, ଶରତ ଚନ୍ଦ୍ର ସାହୁ, ହାପି ସାହୁ ଓ ବିଭୂତି ଭୂଷଣ ସାହୁ ପ୍ରମୁଖ ନାଟକ ପରିବେଷଣ କରିଥିଲେ।



## ରାସଙ୍ଗଙ୍କୁ ହରାଇ ସାଗର ଭଲି ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଣ୍ଡପଡ଼ା,୨୯।୫(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ସ୍ପୋର୍ଟ ଆସୋସିଏଶନ ଆନୁକୂଲ୍ୟରେ ଶନିବାରଠାରୁ ୨ଦିନ ବ୍ୟାପୀ ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ରାତ୍ରକାଳୀନ ଭଲି ଟୁର୍ନାମେଣ୍ଟ କାଲି ବିଳମ୍ବିତ ରାତିରେ ଶେଷ ହୋଇଛି। ପ୍ରଥମ ଲିଗ ମ୍ୟାଚରେ ଅଂଶଗ୍ରହଣ କରିଥିବା କୋସକା, ବାଣପୁର, ବାରବାଟୀ, ସାଗର, ଫୁଲପଡ଼ା, ରାସଙ୍ଗ, ଲେହଙ୍ଗ ଓ ସିଧାମୂଳା ୮ଟି ଦଳ ମଧ୍ୟରୁ କୋସକା, ରାସଙ୍ଗ, ସାଗର ଓ ଲେହଙ୍ଗ ଟିମ୍ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ରବିବାର ରାତ୍ରୀରେ ପ୍ରଥମ ସେମି ଫାଇନାଲ ମ୍ୟାଚ ସାଗର ଓ କୋସକା ଭଲି ଟିମ ସହ ଅନୁଷ୍ଠିତ ହୋଇଥିବା ବେଳେ କୋସକାକୁ ୨-୧ ସେଟରେ ହରାଇ ସାଗର ଟିମ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲରେ ଲେହଙ୍ଗ ଭଲି ଟିମ୍‌କୁ ୨-୦ ସେଟରେ ହରାଇ ରାସଙ୍ଗ ଟିମ୍ ଫାଇନାଲରେ ପ୍ରବେଶ କରିଥିଲା। ପରେ ପରେ ରାସଙ୍ଗ ଓ ସାଗର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳରେ ସାଗର ଟିମ ବିପକ୍ଷ ରାସଙ୍ଗ ଦଳକୁ ୨-୦ ସେଟରେ ପରାସ୍ତ କରି ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା। ଖେଳକୁ ସମୀର କୁମାର ଖୁଣ୍ଟିଆ, ଅଶୋକ ପ୍ରଧାନ, ଲକ୍ଷ୍ମୀଧର ବେହେରା ଓ ପ୍ରକାଶ ବେହେରା ପରିଚାଳନା କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଧାମୂଳା ସରପଞ୍ଚ ଗୀତାଞ୍ଜଳି ଜେନା ଓ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

